### ଟିଟିଲାଗଡ଼ ପୌରାଞ୍ଚଳ ଭିତ୍ତିଭୂମି ବିକାଶରେ ନୂଆ ଅଧ୍ୟାୟ

# ବହୁବିଧ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

ଟିଟିଲାଗଡ଼, ୧୮।୨(ସମିସ)

ପୌର ପରିଷଦ ଅଧୀନସ୍ଥ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଟିଟିଲାଗଡ଼ ବିଧାୟିକା ତଥା ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ। ଟିଟିଲାଗଡ଼ ଟିଟିଡୁଙ୍ଗରୀଠାରେ ୪ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ସମଲେଶ୍ୱରୀ ମନ୍ଦିରର ନବୀକରଣ, ୨ଲକ୍ଷ ଟଙ୍କାରେ ଗଜଲକ୍ଷ୍ମୀ ମଣ୍ଡପ ଓ ଦେଢ ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ଦୁର୍ଗା ମଣ୍ଡପର ଶିଳାନ୍ୟାସ କରିଥିଲେ। ପରେ ସେ ୧୫ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ସର୍ଗିଗୁଡ଼ା ରାମ ମନ୍ଦିରର ପୁନରୁଦ୍ଧାର, ୪ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା କାଳୀ ମନ୍ଦିର, ୬ଲକ୍ଷ ଟଙ୍କାରେ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ଗୃହ ଓ ୪ଲକ୍ଷ ଟଙ୍କାରେ ସର୍ଗିଗୁଡ଼ା ଆମ୍ବେଦକର କମ୍ୟୁନିଟି ସେଣ୍ଟର ପାଇଁ ଶୁଭ ଦେଇଥିଲେ। ସେହିପରି ୧୪ଲକ୍ଷ ଟଙ୍କା ବିନିମୟରେ ସ୍ୱାଧୀନ ପଡ଼ା ଦୁର୍ଗା ମଣ୍ଡପ, ୫ଲକ୍ଷ ଟଙ୍କାରେ ମହାରାହା ସାଗରରେ ଗାଧୁଆ ପାହାଚ, ୪ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା କମ୍ୟୁନିଟି ସେଣ୍ଟର ଓ ମଲ୍ଟି ଜିମନାସିୟମ, ନେହରୁ ନଗର ନିକଟରେ ୧୪ଲକ୍ଷ ଟଙ୍କାର କମ୍ୟୁନିଟି ହଲ, ୪ଲକ୍ଷ ଟଙ୍କାର ଚର୍ଚ୍ଚର ପାଚେରୀ, ୩ଲକ୍ଷ ଟଙ୍କାରେ ଚର୍ଚ୍ଚର ଉନ୍ନତିକରଣ ଓ ଦିବ୍ୟାଙ୍ଗ ଶିଶୁ ସେବା କେନ୍ଦ୍ରରେ ୪ଲକ୍ଷ



ଟଙ୍କାରେ ଶିଶୁଗୃହର ଶୁଭ ଦେଇଥିଲେ। ୧୫ଲକ୍ଷ ଟଙ୍କା ବିନୟରେ ମୁଣ୍ଡା ବନ୍ଧ ନିକଟରେ ସାଇ ମନ୍ଦିର ଉନ୍ନତିକରଣ, ୨ଲକ୍ଷ ଟଙ୍କାର ନେହରୁ ଯୁବକ ସଂଘର ଜିମ ସାମଗ୍ରୀ, ଦେଢ ଲକ୍ଷ ଟଙ୍କାରେ ଆଦିବାସୀ ପଡ଼ା ନିକଟସ୍ଥ କମ୍ୟୁନିଟି ସେଣ୍ଟରର ପୁନରୁଦ୍ଧାର, ଦେଢ ଲକ୍ଷ ଟଙ୍କାରେ ହନୁମାନ ମନ୍ଦିରର ପୁନରୁଦ୍ଧାର, ୪ଲକ୍ଷ ଟଙ୍କାରେ ରଘୁନାଥ ପଡ଼ା ସ୍ଥିତ ରଘୁନାଥ ମନ୍ଦିରର ନବିନୀକରଣ, ୪ଲକ୍ଷ ଟଙ୍କା ବ୍ୟୟରେ ମାଉସୀ ମନ୍ଦିର ନିକଟରେ ବ୍ରାହ୍ମଣ ସମାଜର କମ୍ୟୁନିଟି ହଲ, ୧୦ଲକ୍ଷ ଟଙ୍କାରେ ମହାରାଜ ସାଗର ନିକଟସ୍ଥ ସାଇ ମନ୍ଦିରର ପୁନରୁଦ୍ଧାର ଓ ୮ଲକ୍ଷ ଟଙ୍କାରେ କମ୍ୟୁନିଟି ହଲ ନିର୍ମାଣ, ୪ଲକ୍ଷ ଟଙ୍କା ବ୍ୟୟରେ ମଙ୍ଗଳା ମନ୍ଦିର ନିକଟରେ ଜିମ, ୧୫ଲକ୍ଷ ଟଙ୍କା ବିନିମୟରେ ରାଧାକୃଷ୍ଣ ମନ୍ଦିରର ପୁନରୁଦ୍ଧାର, ୧୮ଲକ୍ଷ ଟଙ୍କା ବ୍ୟୟରେ କଟକିଆ ପଡ଼ା ରାମ ମନ୍ଦିରର ପୁନରୁଦ୍ଧାର, ୨ଲକ୍ଷ ଟଙ୍କା ଲେଖାଏଁ ବ୍ୟୟରେ କମ୍ୟୁନିଟି ହଲ ନିର୍ମାଣ ଓ ଦେଓବନ୍ଧ ପଡ଼ା ସାଇ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଶେଷରେ କୁମୁଡ଼ା ପାହାଡ଼ସ୍ଥିତ ଶିବ ମନ୍ଦିର ପରିଦର୍ଶନ କରି ୧.୬୧କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ପୁଷ୍ପମଞ୍ଜରୀ ଜାଲ, ପଞ୍ଚାୟତସମିତି ଅଧ୍ୟକ୍ଷା ସଞ୍ଜୁକ୍ତା ନାୟକ, ଜିଲ୍ଲା ପରିଷଦ ସଭ୍ୟା ଗୀତା ବିଶି, ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସହରବାସୀ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀମତୀ ସାହୁ ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ପୂର୍ବତନ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପ୍ରେମ ଜୈନ, ଜଗଦୀଶ ମହାଲିଙ୍ଗ, ଅରୁଣ ବାଗ, ପୁଷ୍ପ ଜୈନ, ଦୀପକ ବେହେରା, ଉମାଦେବୀ ଅଗ୍ରୱାଲ, ଚନ୍ଦ୍ରକାନ୍ତି ନାଗ, ବୈକୁଣ୍ଠ ନାଗ, ସୁନୀଲ ପଣ୍ଡା, ପୌର ପରିଷଦର ବିଭିନ୍ନ ୱାର୍ଡର କାଉନସିଲର, ବିଜେଡି କର୍ମକର୍ତ୍ତା ଓ କର୍ମୀଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ମୋବାଇଲ ଚୋର କୋର୍ଟ ଚାଲାଣ

ଖପ୍ରାଖୋଲ, ୧୮।୨(ସମିସ): ଲାଠୋର ଥାନା ସଦର ଗ୍ରାମର ସାପ୍ତାହିକ ହାଟରୁ ରବିବାର ଏକ ମୋବାଇଲ ଚୋରକୁ ସ୍ଥାନୀୟ ଲୋକେ ଧରି ପୁଲିସରେ ଜିମା ଦେଇଥିଲେ। ସଂପୃକ୍ତ ଚୋରକୁ ପୁଲିସ ରବିବାର କୋର୍ଟ ଚାଲାଣ କରିଛି। ସାପ୍ତାହିକ ବଜାର ଉପରେ ଅଞ୍ଚଳର ୫୦ ଖଣ୍ଡ ଗ୍ରାମର ଲୋକ ନିର୍ଭର କରୁଥିବା ବେଳେ ସଂପୃକ୍ତ ଚୋର



ଜଣକ ଛତିଶଗଡ ରାଜ୍ୟ ମହସମୁନ୍ଦ ଜିଲ୍ଲା ଖଲାରୀ ଥାନା ଅଧୀନ ଭିମଖୋଜ ଗ୍ରାମର କରନ ନେତାମ (୨୦) ଏହାର ସୁଯୋଗ ନେଇଥିଲା। ପିପଲବାହାଲ ଗ୍ରାମର ବ୍ୟାଗ୍ ବିକ୍ରେତାଙ୍କ ମୋବାଇଲ ଚୋରି କରି ଫେରାର ମାରୁଥିବା ବେଳେ ଲୋକେ ତାକୁ କାବୁ କରିଥିଲେ। ପୁଲିସ ତା'ପାଖରୁ ମୋବାଇଲ ଏବଂ ନଗଦ ୧୩୫୦ ଟଙ୍କା ଜବତ କରିବା ସହ ଏକ ମାମଲାରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା କହିଛନ୍ତି।

## କାର୍‌ରୁ ଗଞ୍ଜେଇ ଜବତ

ବଲାଙ୍ଗିର, ୧୮।୨(ସମିସ): ବଲାଙ୍ଗିର ରେଳଷ୍ଟେସନ ନିକଟରୁ ଗଞ୍ଜେଇ ଧରିଛି ଟାଉନ ପୁଲିସ। ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅନ୍ତର୍ଗତ ଖଜୁରୀ ଗାଁର ସୁବଳ ଡିଗଲ(୨୯), ପିପଲମାଳର ପଦ୍ମଲୋଚନ ଡିଗଲ(୨୪), କୁଲିଗୁଡା ଗାଁର ସିଦ୍ଧାନ୍ତ କହଁର(୨୩) ଓ ବୁରିଗୁଡା ଗାଁର ଭରତ ମହାକୁର। ଏକ କାର, ୨୫ କେଜି ଗଞ୍ଜେଇ, ଦୁଇଟି ମୋବାଇଲ ଏବଂ ନଗଦ ୯୦୦ ଟଙ୍କା ଜବତ ହୋଇଛି। ସୂଚନା ଅନୁସାରେ, ଗତ ଶନିବାର ସନ୍ଧ୍ୟାରେ ଟାଉନ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ଏସଆଇ ବିଡି ବିଶ୍ୱାଲ, ଏସକେ ବାରିକ, ଏଏସଆଇ ଡିକେ ଡାଙ୍ଗ, ବିଡି ଭୋଇ, ଟି ଭୂମିଆ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। କାର୍ ଯାଞ୍ଚ କରିବାରୁ ଗଞ୍ଜେଇ ପ୍ୟାକେଟ ବାହାରିଥିଲା। ଏମାନେ ବୌଦ୍ଧ ଅଞ୍ଚଳରୁ ଗଞ୍ଜେଇ ନେଇ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯାଉଥିବାବେଳେ ବଲାଙ୍ଗିରରେ ଧରାପଡ଼ିଛନ୍ତି। ଜବତ ଗଞ୍ଜେଇ ୨୫ କିଲୋ ହୋଇଥିବାବେଳେ ଲକ୍ଷାଧିକ ମୂଲ୍ୟରେ ବିକ୍ରି ହୋଇଥାନ୍ତା ବୋଲି ଏସଡିପିଓ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି।



## ଜୁନିୟର ରେଡ୍‌କ୍ରସ ପକ୍ଷରୁ ରକ୍ତଦାନ ଶିବିର

ବଲାଙ୍ଗିର, ୧୮।୨(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର (ଡୁଡକା) ବ୍ଲକ ଅନ୍ତର୍ଗତ ହରଭଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ପଶାୟତଙ୍କ ଅଧ୍ୟକ୍ଷତାରେ ଜୁନିୟର ରେଡକ୍ରସ ୟୁନିଟ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ବଲାଙ୍ଗିର ଜିଲ୍ଲା ଜରୁରିକାଳୀନ ଅଧିକାରୀ ତଥା ଜିଲ୍ଲା ରେଡକ୍ରସ ସୋସାଇଟିର ସମ୍ପାଦିକା ସସ୍ମିତା ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ, ସମାଜସେବୀ ଅନିଲ ମୋଦୀ, ସୁବର୍ଣ୍ଣପୁର ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତ ଓ ସାମ୍ବାଦିକ ରଞ୍ଜିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୩୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି।



## ଉଦୟନାଥ ଦର୍ଜୀଙ୍କ ବିୟୋଗରେ ଶୋକସଭା

ବଲାଙ୍ଗିର, ୧୮।୨(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ଓ ଶିଶୁ ବିକାଶ କେନ୍ଦ୍ର ତରଫରୁ ପଶ୍ଚିମ ଓଡ଼ିଶାର ଜଣାଶୁଣା ଗୀତିକାର ଉଦୟନାଥ ଦର୍ଜୀଙ୍କ ପରଲୋକରେ ଶୋକ ପ୍ରକାଶ କରାଯାଇଛି। ଟିକ୍ରାପଡ଼ାସ୍ଥିତ ଦଧିବାମନ ମନ୍ଦିର ଟାରେ ଆୟୋଜକ ସଭାରେ ହୃଷୀକେଶ ପୁରୋହିତ, ଡ. ପ୍ରେମଚାନ୍ଦ ମହାନ୍ତ, ଜୟରାମ ମିଶ୍ର, କସ୍ତୁରୀ ରଥ, କେଶବଚନ୍ଦ୍ର ମିଶ୍ର ଓ ମଦନ ମୋହନ ରଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସୀତାଂଶୁ ଶେଖର ମିଶ୍ର, ସୁନାଧର ବନଛୋର, କପିଳ ପତି, ତୁଡେନ୍ଦ୍ର ବେହେରା, ଦୁର୍ଗାଚରଣ ସାହୁ, ମାନସ ବାଗ, ଧିରେନ୍ଦ୍ର ନାରାୟଣ ସିଂହଦେଓ ଓ ପ୍ରଦୀପ ପସାୟତ ଉପସ୍ଥିତ ଥିଲେ।

## ଦୋକାନ ସାମଗ୍ରୀ ଚୋରି ଅଭିଯୋଗ

ବଲାଙ୍ଗିର, ୧୮।୨(ସମିସ): ବଲାଙ୍ଗିର ସଦର ଥାନା ଝୁଲୁସର ମହାଦେବ ମନ୍ଦିର ଛକ ନିକଟରେ ଥିବା ଏକ କିରାନା ଦୋକାନରୁ ବାରମ୍ବାର ଚୋରି ହେଉଥିବା ନେଇ ଦୋକାନ ମାଲିକ ଅଭିଯୋଗ କରିଛନ୍ତି। ଦୋକାନ ମାଲିକ ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କର ଦୋକାନରେ ସିରାଜ ଖାନ ନାମକ ଜଣେ ଯୁବକ ଚାରିବର୍ଷ ହେଲା କାମ କରିଆସୁଛି। ଗତ ଦୁଇବର୍ଷ ହେବ ସେ ଦୋକାନରୁ ବିଭିନ୍ନ ସମଗ୍ରୀ ଚୋରି କରୁଛି। ଗତ ଶୁକ୍ରବାର ଦିନ ମଧ୍ୟ ସେ ଦୋକାନ ସମଗ୍ରୀ ଚୋରି କରି ଏକ ବୁଦାମୂଳରେ ଲୁଚାଉଥିବାବେଳେ ଦୋକାନ ମାଲିକ ତାକୁ ଦେଖି ପଚାରିବାରୁ ଚୋରି ସାମଗ୍ରୀ ଓ ଟଙ୍କା ତୁଡାପାଲିର କୌଣସି ବ୍ୟକ୍ତିଙ୍କୁ ଦେଉଥିବା କହିଥିଲା। ଏନେଇ ଦୋକାନ ମାଲିକ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଗାନ୍ଧୀ ଷ୍ଟାଡିୟମରେ ସିକେ ନାୟୁଡୁ ଟ୍ରଫି ଉଦ୍‌ଘାଟିତ

ବଲାଙ୍ଗିର, ୧୮।୨(ସମିସ): ଓଡ଼ିଶା କ୍ରିକେଟ ଏସୋସିଏସନ ଓ ଜିଲ୍ଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ଷ୍ଟାଡିୟମରେ କର୍ଣ୍ଣେଲ ସି.କେ. ନାୟଡୁ ଟ୍ରଫି (୨୩ ବର୍ଷ ବର୍ଗ) କ୍ରିକେଟ ମ୍ୟାଚ ଉଦ୍‌ଘାଟିତ ହୋଇଯାଇଛି। ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଉକ୍ତ ମ୍ୟାଚର ଆଜି ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବରେ କ୍ରୀଡା ସଂସଦର ବରିଷ୍ଠ ସଭ୍ୟ ତଥା ବଲାଙ୍ଗିରର ପୂର୍ବତନ କ୍ରିକେଟ ସଂଗଠକ ରମେଶଚନ୍ଦ୍ର ପୁରୋହିତ ଯୋଗଦାନ କରିଥିଲେ। ଓଡ଼ିଶା ବନାମ ପଞ୍ଜାବ ସିକେ ନାଇଡୁ ଟ୍ରଫିର ଉଦଘାଟନୀ ପର୍ବରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ଶତପଥୀ, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘନ ସିଂ, କ୍ରୀଡା ସମ୍ପାଦକ ବିଭୂତି ପଣ୍ଡା, ଫୁଟବଲ ସମ୍ପାଦକ ହେମନ୍ତ ବେହେରା, ଗ୍ରାମ୍ୟ କ୍ରୀଡା ଓ ମହିଳା ଫେଷ୍ଟିଭାଲ ସମ୍ପାଦକ ସଂଗ୍ରାମ ବହିଦାର, କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର, ବରିଷ୍ଠ ସଭ୍ୟ ତଥା ପୂର୍ବତନ ବିଧାୟକ ରମାକାନ୍ତ ସେଠ, ସଭ୍ୟ ସୁଧୀର ପଣ୍ଡା, ଜୟରାମ ମିଶ୍ର, ଶରତ ନନ୍ଦ, କ୍ରିକେଟ କୋଚ ଅରୁଣ ନାୟକ, ପୃଥ୍ୱୀରାଜ ମିଶ୍ର, ସୂର୍ଯ୍ୟ ମିଶ୍ର, ସ୍ୱାଗତ ଶୁଭଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଟସ୍ ଜିଣି ଓଡ଼ିଶା ଦଳ ପ୍ରଥମେ ବ୍ୟାଟିଂ କରି ସମୁଦାୟ ୧୦୫ ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ। ଓଡ଼ିଶା ଦଳ ପକ୍ଷରୁ ବିଶ୍ୱ ବିହାରୀ ମୁଦୁଲି ସର୍ବାଧିକ ୩୮ ରନ୍, ଅନିଲ ପରିଡ଼ା ୧୮ ରନ୍ ଓ ସାୱନ ପାହାଡି ୧୬ ରନ୍ କରିଥିଲେ। ପଞ୍ଜାବ ଦଳ ପକ୍ଷରୁ ସଫଳ ବୋଲର ଭାବେ କ୍ରିସ୍ ଭଗତ, ଇଭନଜ୍ୟୋତି ସିଂ ଚହଲ ଓଭୟେ ୫ ଗୋଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପଞ୍ଜାବ ଦଳ ଆଜି ଷ୍ଟମ୍ପ ଅପସାରଣ ବେଳକୁ ୩ ୱିକେଟ ବିନିମୟରେ ୯୨ ରନ୍ ସଂଗ୍ରହ କରିଛନ୍ତି। ପଞ୍ଜାବ ପକ୍ଷରୁ ସଫଳ ବ୍ୟାଟସ୍‌ମ୍ୟାନ ଭାବେ ମୟନ୍ତ ଗୁପ୍ତା ସର୍ବାଧିକ ୩୬ ରନ୍ ସଂଗ୍ରହ କରିଥିବା ବେଳେ ପୁଖରାଜ ମାନି ଅପରାଜିତ ୨୧ ରନ୍ ଓ ସଲିଲ ଅରୋରା ଅପରାଜିତ ୧୧ ରନ୍ ସଂଗ୍ରହ କରିଥିଲେ। ଓଡ଼ିଶା ପକ୍ଷରୁ ସଫଳ ବୋଲର ଭାବେ ବାଦଲ ବିଶ୍ୱାଲ ୩ ୱିକେଟ ଅକ୍ତିଆର କରିଥିଲେ।



## କିଶାନ ବ୍ରଦର୍ସ ଫୁଟ୍‌ବଲ କପ୍ ଉଦ୍‌ଯାପିତ

ବଲାଙ୍ଗିର, ୧୮।୨(ସମିସ): ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ପଞ୍ଚାୟତର ସାରସପିଟା ଗ୍ରାମରେ ପାଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ୧୨ଟି ଦଳ ବାରପୁଡୁଗିଆ, ବାନ୍ଧନଘୋର, ଗେର୍ଡ଼ି, ଭାଲୁପିଟା, ଫୌଜି କ୍ଲବ, ସୁନାମୁଦି, ଚାଣ୍ଡିମୁଣ୍ଡା, ବରଗାଁ, ବଘାପାଲି, ରାମଚନ୍ଦ୍ରପୁର, କୁସମେଲ, ସାରସପିଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସମରେନ୍ଦ୍ର ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଓକିଲ ନିଳାଦ୍ରୀ ବିହାରୀ ମିଶ୍ର, ସରୋଜ ରଥ, ଗୌନ୍ତିଆ ଦୁର୍ଯ୍ୟୋଧନ ଧରୁଆ, ପୂର୍ବତନ ସରପଞ୍ଚ ତ୍ରିନାଥ ନନ୍ଦ, ସନ୍ତୋଷ ସାହୁ, ପ୍ରମୋଦ କର୍ମୀ, ଗୋବର୍ଦ୍ଧନ କର୍ମୀ, ସଦାନନ୍ଦ ମହଲା, ସାମାଜିକ କର୍ମୀ ଜୟକୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ଖେଳରେ ଏସ୍‌ଏସ୍‌ପି ବାରପୁଡୁଗିଆ ଦଳ ୨-୦ ଗୋଲରେ ବରଗାଁକୁ ହରାଇ ଚାମ୍ପିଅନ ହୋଇଥିଲେ। ରେଫରି ପୁରୁଷୋତ୍ତମ ବୁଡେକ, ରିଙ୍କୁ କବାଟ, ମିଥୁନ ବିଶ୍ୱାଲ, ମନୋଜ ବେହେରା ଖେଳ ପରିଚାଳନା କରିଥିଲେ। କିଶାନ ବ୍ରଦର୍ସ ଆଥେଲେଟିକ୍ ଆସୋସିଏସନର ସଭାପତି ବେଦବ୍ୟାସ ଭୋଇ ଏବଂ ସମସ୍ତ ସଦସ୍ୟ ନରେନ୍ଦ୍ର ଉଦୁରକୁଲିଆ, ଚୌଧୁରି କହଣ୍ଡା, ସୁଶୀଲ ଧରୁଆ, ଲବ ନାଗ, ସଞ୍ଜୟ ନାଏକ, ସର୍ଜନ ବାଗ, ନରୋତ୍ତମ ଧରୁଆ, ସୁଶାନ୍ତ ଧରୁଆ, ମୁନା କଅଁର, ମୁନା ଭୋଇ, ପ୍ରମୋଦ ଭୋଇ, କୃଷ୍ଣ ଭୋଇ, ଜିତେନ୍ଦ୍ର ବାଗ, ପ୍ରମୋଦ କୁଅଁର, ବେଦକୁମାର ଭୋଇ ସହଯୋଗ କରିଥିଲେ।



## ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ

ବଲାଙ୍ଗିର, ୧୮।୨(ସମିସ): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ ଶାନ୍ତିପଡ଼ାସ୍ଥିତ ସିଦ୍ଧଶଙ୍କର ଆଇରନ ଷ୍ଟୋର ପ୍ରକୋଷ୍ଠରେ ସଭାପତି ନାରାୟଣ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦିବଙ୍ଗତ ସଦସ୍ୟ ଶୁଭେନ୍ଦୁ ନାୟକଙ୍କ ଆତ୍ମାର ଶାନ୍ତି ପାଇଁ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଅନୁଷ୍ଠାନର ବରିଷ୍ଠ ସଭ୍ୟ ତଥା ପୂର୍ବତନ ସଭାପତି ପ୍ରଭାକର ମିଶ୍ର ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ମନୋନୀତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ ଚାନ୍ଦ ବୈଠକ ବିବରଣୀ ଉପସ୍ଥାପନ କରିଥିଲେ। ଆନୁଷ୍ଠାନିକ ଭାବରେ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଥିଲା। ମେଡିକାଲ କର୍ତ୍ତୃପକ୍ଷଙ୍କ ସହମତିରେ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଏକ ସ୍ୱାସ୍ଥ୍ୟ ଶିବିର କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି। ଗୌରଚନ୍ଦ୍ର ପୁରୋହିତ, ଯୁଗ୍ମ ସମ୍ପାଦକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସୁଧାଂଶୁ ଶେଖର ଦର୍ଜୀ, ପ୍ରଫୁଲ୍ଲ ସାହୁ, ନବୀନ ନନ୍ଦ, ଧନଞ୍ଜୟ ମିଶ୍ର, ପଦ୍ମଚରଣ ଆଚାର୍ଯ୍ୟ, ହରେକୃଷ୍ଣ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ମଥାମଣି ପଣ୍ଡା, ପ୍ରମୋଦ ଗୁରୁ, ବାସୁଦେବ ମେହେର, ପ୍ରଦ୍ୟୁମ୍ନ ଗଡ଼ତ୍ୟା, ସୁରେନ୍ଦ୍ର ନେଗୀ, ଛାୟାକାନ୍ତ ସାହୁ, ତୁଡେନ୍ଦ୍ର ବେହେରା, ଗଜେନ୍ଦ୍ର ଭମର, ନିରଞ୍ଜନ ପ୍ରସାଦ ରଥ, ଆର୍ତ୍ତତ୍ରାଣ ମିଶ୍ର, ଡ.ଗୋପାଳକୃଷ୍ଣ ମିଶ୍ର ଅଂଶଗ୍ରହଣ କରିଥିଲେ। ନିକାଞ୍ଚଳ ଚିରଗୁନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗାଇଖାଇରେ ଉଦ୍‌ଘାଟିତ ହେଲା ଶିଶୁ ଉଦ୍ୟାନ




ବଲାଙ୍ଗିର,୧୮।୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଫରେଷ୍ଟ ରେଞ୍ଜ ଅଧୀନରେ ଥିବା ଗାଇଖାଇ ଇକୋ ଫରେଷ୍ଟ ପ୍ରକଳ୍ପରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଏକ ଶିଶୁ ଉଦ୍ୟାନ ଉଦଘାଟିତ ହୋଇଯାଇଛି। ଲୋଇସିଂହା ରେଞ୍ଜର ପାଉଲ ହରପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଏଫଓ ନୀତିଶ କୁମାର, ବଲାଙ୍ଗିର ଫରେଷ୍ଟ ଡିଭିଜନର ଏସିଏଫ ଜିତେନ୍ଦ୍ର ସାହୁ, ଘନଶ୍ୟାମ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପାର୍କକୁ ସୁନ୍ଦର ଭାବେ ନିର୍ମାଣ କରିବାରେ ପ୍ରମୁଖ ନେତୃତ୍ୱ ନେଇଥିବା ଫରେଷ୍ଟର ବିମ୍ବାଧର ବେହେରା ଓ ଫରେଷ୍ଟ ଗାର୍ଡ ସଂଜୀବ ନାୟକଙ୍କୁ ଡିଏଫଓ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାର ସଠିକ ରକ୍ଷଣାବେକ୍ଷଣା ଦିଗରେ ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଉଦ୍ୟମ ଓ ଡ଼ିଏଫଓ ନୀତିଶ କୁମାରଙ୍କ ନେତୃତ୍ୱରେ ଗାଇଖାଇର ନବକଳେବର ହୋଇପାରିଛି। ଏହି ପ୍ରକଳ୍ପର ଉନ୍ନତିକରଣ ହେବା ସହ ବୋଟିଂ ଆରମ୍ଭ ହୋଇଥିଲା। ବୋଟିଂରୁ ଚଳିତ ବର୍ଷ ବନ ବିଭାଗ ଭଲ ପରିମାଣର ରାଜସ୍ୱ ସଂଗ୍ରହ କରିପାରିଛି। ଏହି ଉଦ୍ୟାନ ହେବା ଦ୍ୱାରା ବଣଭୋଜି କରିବାକୁ ଆସୁଥିବା ଲୋକଙ୍କୁ ଅବସର ବିନୋଦନ ପାଇଁ ସହାୟକ ହେବ ବୋଲି ଡିଏଫଓ କହିଛନ୍ତି।




କଣ୍ଟାବାଞ୍ଜି ବିଜେଡି କାର୍ଯ୍ୟାଳୟରେ ବଙ୍ଗୋମୁଣ୍ଡା ବ୍ଲକ ଟୁଲିଫୁଙ୍କା ପଞ୍ଚାୟତର କଂଗ୍ରେସ ଓ ବିଜେପି କର୍ମୀମାନେ ବରିଷ୍ଠ ବିଜେଡି ନେତା ଅଜୟ ଦାସଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା ସଚେତନତା ଶିବିର

ବଲାଙ୍ଗିର, ୧୮।୨ (ସମିସ): ବଙ୍ଗୋମୁଣ୍ଡାରେ ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାଧୁରୀ ହୋତା ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ଅରୁଣ ଖୁଆସ୍। ମୁଖ୍ୟଅତିଥି ଭାବେ ବିଡିଓ ବାସନ୍ତୀ ସେଠ ମଞ୍ଚାସୀନ ଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ସିଅର୍‌ଏସ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ବିଭିନ୍ନ ଦିଗ ଉପରେ ସଚେତନ କରିଥଲେ। ମିଶନ୍ ବାତ୍ସଲ୍ୟ ମାର୍ଗଦର୍ଶିକାରେ ଥିବା ଜିପିଡିପିର ବାର୍ଷିକ ଯୋଜନାରେ ୫% ଅନୁଦାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଶିଶୁଙ୍କ ଯତ୍ନ ନିମନ୍ତେ ଖର୍ଚ୍ଚ କରିପାରିବେ ବୋଲି କହିଥିଲେ। ଅଙ୍ଗନବାଡ଼ି କର୍ମୀ, ସୁପର ଭାଇଜର୍, ବ୍ଲକ କର୍ମଚାରୀ, ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା

ସଇଁତଲା/ଖପ୍ରାଖୋଲ, ୧୮।୨(ସମିସ)

ସଇଁତଲା ବ୍ଲକ ଧରବଗଡ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ତଥା ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶର 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧରପଗଡ଼ ସରପଞ୍ଚ ଗୀତାଞ୍ଜଳି ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ସମ୍ମାନିତ ଅତିଥି ଭାବରେ ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ଯୁବନେତା ରାଜାକିଶୋର ଡାଙ୍ଗ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ପଣ୍ଡା, ସମିତି ରାକେଶ ନାୟକ ସଇଁତଲା ବ୍ଲକର ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରା ଯୋଗଦେଇଥିଲେ। ଦେବରାଜ ଠାକୁର ମଞ୍ଚ ପରିଚାଳନା କରିଥିବା ବେଳେ ଜିଆରଏସ ବିଶ୍ୱ ଭୋଇ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯିବା ପରେ ଆମ ଓଡିଶା ନବୀନ ଓଡିଶାରେ ପଞ୍ଚାୟତକୁ ଆସିଥିବା ଅନୁଦାନ ଘୋଷଣା କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ରାଜ୍ୟ ସରକାରଙ୍କ ଯୋଜନା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ





ପରିବେଷଣ ହୋଇଥିଲା। ଏମ୍‌ବିକେ, ସିଆର୍‌ପି, ଅଙ୍ଗନବାଡି କର୍ମୀ, ୱାର୍ଡସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।

ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ପଞ୍ଚାୟତ ସଦର ଗ୍ରାମରେ ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କ ଅଧ୍ୟକ୍ଷତାରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ ବିଧାୟକ ସରୋଜ ମେହେର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାଇ ଜୋନ ୩ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ପୂର୍ବତନ ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଭଇଁସାଲ ଓ ସତ୍ୟନାରାୟଣ ମେହେର, ବ୍ଲକ ବିଜେଡି ସଭାପତି ରମେଶ ପ୍ରଧାନ, ନୋଡାଲ ଅଫିସର ତପନ ମେହେର, ମନୋଜ କେରକେଟା ଯୋଗ ଦେଇଥିଲେ। ପରେ ଲାଠୋର ପଞ୍ଚାୟତର ବ୍ୟକ୍ତିବିଶେଷଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ରଣଜିତ ଭଇଁସାଲ, ସଦାନନ୍ଦ ବେହେରା, କଳାକାର ଆର୍ତ୍ତତ୍ରାଣ ସୁନାନୀ, କବି ରିଙ୍କୁ ମେହେର, ମାଟ୍ରିକ ପରୀକ୍ଷା ବ୍ଲକ ଟପ୍ପର ଅବିନାଶ ପାଣିଗ୍ରାହୀ, ଚକ୍ଷୁ ଚିକିତ୍ସା ଶିବିର ଆୟୋଜକ ସୁଶୀଲ ଅଗ୍ରୱାଲ, ଖବରଦାତା ସୁଧାଂଶୁ ଖମାରୀ, ଭୁବନେଶ୍ୱର ବାରିକ, କପିଳ ସୁନା, କ୍ରିଷ୍ଣା ସେଠୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ପଞ୍ଚାୟତ ଅଧୀନ ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଏମବିକେ, ସିଆରପି ଉପସ୍ଥିତ ଥିଲେ। ଶିକ୍ଷକ ସତ୍ୟବ୍ରତ ବେହେରା ପରିଚାଳନା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଶିକ୍ଷକ ସତ୍ୟ ରଣା।



# ଦାଦନ ଖଟା, କପାଳ ଫଟା

**ବଲାଙ୍ଗିର, ୧୮।୨ (ସମିସ)**

ବଲାଙ୍ଗିର ଜିଲ୍ଲାରେ ଦାଦନ ଦୁଃଖର ଅସରନ୍ତି କାହାଣୀ। ନିରନ୍ତର ଭାବେ ଏଭଳି ଘଟଣାର ପୁନରାବୃତ୍ତି ଚିରନ୍ତନ ଦାଦନ ସତ୍ୟତାକୁ ପ୍ରମାଣିତ କରୁଛି ସିନା; ଘଟଣାର ଅନ୍ତ ହେଉନାହିଁ। ରୋଜଗାର ଆଶାରେ ଘର ଛାଡିଥିବା ରୋଜଗାରିଆଙ୍କ ଶବ ଘରକୁ ଫେରୁଛି। କେତେବେଳେ ସର୍ଦ୍ଦାରର ନିର୍ଯାତନାରେ ଶ୍ରମିକଙ୍କ ମୃତ୍ୟୁ ହେଉଛି ତ ପୁଣି ବଇନା (ଅଗ୍ରୀମ ଟଙ୍କା) ଫେରସ୍ତ ପାଇଁ ନାବାଳିକା ଝିଅକୁ ବନ୍ଧକ ରଖାଯାଉଛି। ଚଳିତବର୍ଷ ମଧ୍ୟ ଏମିତି ଅନେକ ଘଟଣା ଘଟିଛି ଯାହା ହୃଦୟ ବିଦାରକ; ତଥାପି କମୁନି ସର୍ଦ୍ଦାରଙ୍କ ଅତ୍ୟାଚାର। ଅପରପକ୍ଷେ, ପୁଲିସ ମଧ୍ୟ ଘଟଣାର ନିରବ ଦର୍ଶକ ସାଜିଛି।

ଗତବର୍ଷ ନୂଆଁଖାଇ ପରଠାରୁ ଅନୁଧ୍ୟାନ କଲେ ଜଣାପଡେ ଯେ ବଲାଙ୍ଗିର ଜିଲ୍ଲାରୁ ରାଜ୍ୟବାହାରକୁ ଯାଉଥିବା ଅନେକ ଶ୍ରମିକ ଉଦ୍ଧାର ହୋଇଛନ୍ତି। ସେଥିମଧ୍ୟରେ ଗତ ଅକ୍ଟୋବର ପରଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ଜଣ ଦାଦନ ଶ୍ରମିକଙ୍କ ମୃତଦେହ ଘରକୁ ପହଞ୍ଚିଛି। ଗତ ୪ ତାରିଖ ସୁଲେକେଲା ଗାଁର ଦାଦନ ଶ୍ରମିକ କାହ୍ନୁ ମଲ୍ଲିକଙ୍କ ମୃତ୍ୟୁ ପରେ ତାଙ୍କର ୧୧ ବର୍ଷର ନାବାଳିକା ଝିଅକୁ ବନ୍ଧକ ରଖିବା ଘଟଣା ଓ ମୁରିବାହାଲ ଥାନା ସାନଝରବାହାଲି ଗାଁର ମୈତ୍ର ସେଠଙ୍କ ଦରପୋଡା ମୃତଦେହ ଉଦ୍ଧାର ଘଟଣା ବେଶ୍ ଚର୍ଚ୍ଚାରେ ରହିଥିଲେ ହେଁ ଆହୁରି ଅନେକ ଘଟଣା ଘଟିଛି।

ପ୍ରକାଶ ଯେ ଗତ ଅକ୍ଟେବର ୧୨ ତାରିଖ ବେଲପଡ଼ା ଥାନା ଡଙ୍ଗରତଲ ଗାଁର କୁମରାପାଲିର ହେମରାଜ ଧରୁଆଙ୍କ ମୃତଦେହ ଘରକୁ ଫେରିଥିଲା। ଘଟଣାର ତିନିମାସ ତଳେ ସେ ତାମିଲନାଡୁର ଏକ ବ୍ରଏଲର କାରଖାନାକୁ କାମ କରିବାକୁ ଯାଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ସେହିଭଳି ଗତ ଡିସେମ୍ବର ୯ ତାରିଖ ଭାଲୁବାହାଲି ଗାଁର ଲିଜା ମାଝୀଙ୍କ ମୃତ୍ୟୁ ହୋଇଥିଲା। ହାଇଦ୍ରାବାଦର ଏକ ଇଟାଭାଟିରେ ସେମାନେ କାମ କରୁଥିଲେ। ବଇନା ଟଙ୍କାକୁ ନେଇ ସର୍ଦ୍ଦାର ଓ ସେମାନଙ୍କ ମଧ୍ୟରେ କିଛି ଗଣ୍ଡଗୋଳ ହୋଇଥିବା କୁହାଯାଉଥିବାବେଳେ ପରେ ଟ୍ରେନ ଦୁର୍ଘଟଣାରେ ଲିଜାଙ୍କର ମୃତ୍ୟୁ ହୋଇଥିବା କୁହାଗଲା। ଆହତ ଅବସ୍ଥାରେ ଚିକିତ୍ସାଧୀନ ସ୍ୱାମୀ ଧନୀଦାସଙ୍କୁ ଅପହରଣ କରିନେଇଥିଲା ସର୍ଦ୍ଦାର। ଏନେଇ 'ସକାଳ'ରେ ବାରମ୍ବାରେ ଖବର ପ୍ରକାଶନ ହେବା ପରେ ପୁଲିସର ଚେତା ପଶିଥିଲା। ପ୍ରାୟ ଏକ

## ଚାରିକାନ୍ଧରେ ଫେରୁଛି 'ରୋଜଗାରିଆ'

## ସର୍ଦ୍ଦାର ଚାପରେ ପୁଲିସ ପ୍ରଶାସନ ନିଦାବିଷ୍ଟ



ସପ୍ତାହ ପରେ ଧନୀଦାସଙ୍କୁ ଉଦ୍ଧାର କରାଯାଇଥିଲା। ସେହିଭଳି ଚଳିତବର୍ଷ ଜାନୁଆରୀ ୧ ତାରିଖ ପାଟଣାଗଡ଼ ଥାନା ଆମପାଲି ଗାଁର ଗଜାନନ ଷାଣ୍ଢଙ୍କ ମୃତ୍ୟୁ ହୋଇଥିଲା। ହାଇଦ୍ରାବାଦର ଏକ ଇଟାଭାଟିରେ କାମ କରୁଥିବାବେଳେ ଝାଡାବାନ୍ତି ହୋଇ ଅସୁସ୍ଥ ହୋଇଥିଲେ ହେଁ ସର୍ଦ୍ଦାର ଚିକିତ୍ସା କରାଇ ନଥିଲା। ଅବସ୍ଥା ସଂକଟାପନ୍ନ ହେବାପରେ ତାଙ୍କୁ ଟ୍ରେନରେ ବସାଇ ଘରକୁ ପଠାଇ ଦେଇଥିଲା। ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଜାନୁଆରୀ ୮ ତାରିଖ ଆଉ ଏକ ଘଟଣା ସାମ୍ନାକୁ ଆସିଥିଲା। ବେଲପଡ଼ା ଥାନା ଖଲଖଲି ଗାଁର କ୍ଷୀରମୋହନ ମାଝୀ କଟକକୁ ଇଟା ଗଢିବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିଲେ ହେଁ ଦାଦନ ସର୍ଦ୍ଦାରର ଅତ୍ୟାଚାର ଯୋଗୁଁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଚଳିତ ମାସ ୪ ତାରିଖ ସୁଲେକେଲା ଗାଁର କାହ୍ନୁ ମଲ୍ଲିକଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଆନ୍ଧ୍ରପ୍ରଦେଶର ସାତନଗର ଅଞ୍ଚଳରେ ଇଟା ଗଢୁଥିବାବେଳେ ଅତ୍ୟଧିକ ପରିଶ୍ରମ ଯୋଗୁଁ ଅସୁସ୍ଥ ହୋଇଥିଲେ। ସର୍ଦ୍ଦାର କୌଣସି ଚିକିତ୍ସା କଲାନାହିଁ। ଅବସ୍ଥା ସଂକଟାପନ୍ନ ହେବାରୁ ଅସୁସ୍ଥ ସ୍ୱାମୀ, ସ୍ତ୍ରୀ ଓ ଦୃଷ୍ଟିବାଧିତ ଝିଅକୁ ଘରକୁ ପଠାଇଦେଇଥିଲା। ୧୧ ବର୍ଷର ନାବାଳିକା ଝିଅକୁ ବନ୍ଧକ ରଖିଥିଲା। ଏହି ଖବର ପ୍ରସାରିତ ହେବା ପରେ ଘୋର ଅସନ୍ତୋଷ ପ୍ରକାଶ ପାଇବାରୁ ପୁଲିସ ପଦକ୍ଷେପ ଗ୍ରହଣ କରି ଝିଅକୁ ଉଦ୍ଧାର କରିଥିଲା। ସେହିଭଳି ଗତ ୮ ତାରିଖ ଆଉ ଏକ ଘଟଣା ସାମ୍ନାକୁ ଆସିଥିଲା। ନ୍ୟାୟ ଦାବିରେ ଜଣେ ବିଧବା ବୁଢ଼ୀ ମା' ୮୦ କିମି ଚାଲି ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ୨୦୨୩ ଅକ୍ଟୋବର ୧୦ ତାରିଖରେ ତେଲଙ୍ଗାନାର ପଇଦାପଲ୍ଲୀକୁ ଦାଦନ ଯାଇଥିବା ପୁଅ ମୈତ୍ର ସେଠର ମୃତ୍ୟୁ ଖବର ଆସିଥିଲା। ପରେ ଏକ ଦରପୋଡା ମୃତଦେହର ଫଟୋ ଦେଖି ତାଙ୍କର ପରିବାର ଦୋହଲିଯାଇଛି।

ନଭେମ୍ବର ୨୦ ତାରିଖରେ ପାଟଣାଗଡ଼ ଥାନା ମୁଣ୍ଡୋମହୁଲ ଗାଁର ୨ଟି ଦାଦନ ପରିବାରଙ୍କୁ ମାଟିଖାଇ ଗାଁର ଦାଦନ ସର୍ଦ୍ଦାର ତୁଳାରାମ ସୁନା ମାଡ ମାରି ଲହୁଲୁହାଣ କରିଥିଲା। ଶ୍ରମିକମାନେ ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକରଣ କରି ଦାଦନ ଯିବୁ ବୋଲି କହିବାରୁ ସର୍ଦ୍ଦାର ତାଙ୍କୁ ମାଡ ମାରିଥିବା ସେମାନେ ଅଭିଯୋଗ କରିଥିଲେ।

ଗତବର୍ଷ ମଧ୍ୟ ତେଲଙ୍ଗାନାର ଏକ ନଦୀରୁ ତୁରେକେଲା ଥାନା ପଖନମୁଣ୍ଡା ଗ୍ରାମର ଶଙ୍କର ଚିଡାଗୁଡ଼ ନାମକ ଦାଦନ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୁଣି ସଇଁତଲା ବ୍ଲକ ଡେଙ୍ଗ ପଞ୍ଚାୟତ ଧୁନକେଡା ଗାଁର ବାସିନ୍ଦା ତଥା ଗତ ପଞ୍ଚାୟତ ନିର୍ବାଚନର ସମିତିସଭ୍ୟ ପ୍ରାର୍ଥୀ ରାଜେଶ ଛତ୍ରିଆ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରୁ ତାଙ୍କର ମୃତଦେହ ଘରକୁ ଫେରିଥିଲା। ଏହି ସମସ୍ତ ଘଟଣାରେ ପରିବାର ତରଫରୁ ସ୍ଥାନୀୟ ପୁଲିସ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ କିଛି ମାମଲାର ତଦନ୍ତ କରି ଆଉ କିଛି ମାମଲାରେ ଚୁପ ରହୁଛି। ଅନେକ ସମୟରେ ପୁଲିସ ପ୍ରଶାସନ ଓ ଦାଦନ ସର୍ଦ୍ଦାରଙ୍କ ଭିତିରି ଗୁମର ଚର୍ଚ୍ଚାରେ ରହିଥିଲା ବେଳେ ଦାଦନ ଶ୍ରମିକ ନ୍ୟାୟ ପାଇପାରୁ ନାହାନ୍ତି।

### ୨୦୨୩ ଅକ୍ଟୋବରରୁ ଦାଦନ ରତୁର ଦାରୁଣ କାହାଣୀ

| | | | | |
|---|---|---|---|---|
| ୨୦୨୩ ଅକ୍ଟୋବର-ଡିସେମ୍ବର | ବେଲପଡ଼ା ଥାନା | ହେମରାଜ ଧରୁଆ | ଡଙ୍ଗରତଲ-କୁମରାପାଲି | ତାମିଲନାଡୁ |
| | ବେଲପଡ଼ା ଥାନା | ଲିଜା ମାଝୀ | ଭାଲୁବାହାଲି | ହାଇଦ୍ରାବାଦ |
| | ତୁରେକେଲା ଥାନା | ଶଙ୍କର ଚିଡାଗୁଡ | ପଖନମୁଣ୍ଡା | ତେଲଙ୍ଗାନା |
| | ସଇଁତଲା ଥାନା | ରାଜେଶ ଛତ୍ରିଆ | ଧୁନକେଡା | ହାଇଦ୍ରାବାଦ |
| | ମୁରିବାହାଲ ଥାନା | ମୈତ୍ର ସେଠ | ସାନଝରବାହାଲି | ତେଲଙ୍ଗାନାର ପଇଦାପଲ୍ଲୀ |
| ଜାନୁଆରୀ ୧ | ପାଟଣାଗଡ଼ ଥାନା | ଗଜାନନ ଷାଣ୍ଢ | ଆମପାଲି | ହାଇଦ୍ରାବାଦ |
| ଜାନୁଆରୀ ୮ | ବେଲପଡ଼ା ଥାନା | କ୍ଷୀରମୋହନ ମାଝୀ | ଖଲଖଲି | କଟକ |
| ଫେବୃଆରୀ ୪ | ବେଲପଡ଼ା ଥାନା | କାହ୍ନୁ ମଲ୍ଲିକ | ସୁଲେକେଲା | ଆନ୍ଧ୍ରପ୍ରଦେଶର ସାତନଗର |

# ଲାଠୋର ପୁଲିସ ଦ୍ୱାରା ଦାଦନ ଶ୍ରମିକ ଉଦ୍ଧାର

**ଖପ୍ରାଖୋଲ, ୧୮।୨(ସମିସ):** ଲାଠୋର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଶନିବାର ରାତି ବସଷ୍ଟାଣ୍ଡରୁ ୯ ଜଣ ମହିଳା ପୁରୁଷ ଶ୍ରମିକ ସହ ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିବା ଲାଠୋର ପୁଲିସ ସୂଚନା ଦେଇଛି। ଖପ୍ରାଖୋଲ ଥାନା ବଲିଆବହାଲ ଗ୍ରାମର ଦାଦନ ସର୍ଦ୍ଦାର ସାଗର ଦାସ ବେଆଇନ ଭାବେ ବାଘଝରଣ ଓ ଡୁଡୁମଧରା ଗ୍ରାମର ୪ ମହିଳା ଓ ୫ ପୁରୁଷ ଶ୍ରମିକ ସହ ୨ ଶିଶୁଙ୍କୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଲାଠୋର ବସ ଷ୍ଟାଣ୍ଡଠାରେ ରଖିଥିଲେ। ପୁଲିସ ପହଞ୍ଚି ଶ୍ରମିକଙ୍କୁ ଥାନାକୁ ଆଣିଥିଲା। ସର୍ଦ୍ଦାର ଫେରାର ମାରୁଥିବା ବେଳେ ତାଙ୍କୁ ମଧ୍ୟ କାବୁ କରି ଥାନାକୁ ଅଣାଯାଇଥିଲା। ଘଟଣା ଜଣାପଡ଼ିବା ପରେ ଉଦ୍ଧାର ଶ୍ରମିକଙ୍କୁ ସୁରକ୍ଷିତ ତାଙ୍କ ଘରକୁ ପଠାଇବା ବ୍ୟବସ୍ଥା କରି ସଂପୃକ୍ତ ସର୍ଦ୍ଦାର ବିରୋଧରେ ଲାଠୋର ଥାନାରେ ଏକ ମାମଲା ରୁଜୁ ହୋଇଛି। ସର୍ଦ୍ଦାରକୁ ପାଟଣାଗଡ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ କୁ ପଠାଯାଇଥିବା ଥାନାଧିକାରୀ ରାକେଶ ବେହେରା କହିଛନ୍ତି।

## ଅଭିଯୁକ୍ତ ସର୍ଦ୍ଦାର ଗିରଫ



# ଦାଦନ ଶ୍ରମିକ ନିଖୋଜ

**ତୁରେକେଲା, ୧୮।୨ (ସମିସ):** କଣ୍ଟାବାଞ୍ଜି ଥାନା ମାଲପାମୁଣ୍ଡା ଗାଁର ଦାଦନ ଶ୍ରମିକ ଦେବ ମାଝୀ ଦାଦନ ସର୍ଦ୍ଦାର ଜରିଆରେ ଆନ୍ଧ୍ରପ୍ରଦେଶ ଇଟା ଭାଟି କାମ କରିବାକୁ ଯାଇଥିଲେ। ୧୦ ଦିନ ତଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ପୁଅଙ୍କୁ ଇଟା ଭାଟି ମାଲିକ ଫୋନ କରି ତୁମ ବାପା ଦେହ ଅସୁସ୍ଥ ଅଛି ସେ ଗାଁକୁ ଯାଉଥିବା କହିଥିଲେ। ଶ୍ରମିକ ଦେବ ମଧ୍ୟ ଟ୍ରେନ ବସିବା ପରେ ପୁଅକୁ ଫୋନ କରିଥିବା ବେଳେ ଆଜିକୁ ଆଠ ଦିନ ବିତି ଯାଇଥିଲେ ସେ ଗାଁକୁ ଫେରି ନାହାନ୍ତି। ପରିବାର ଲୋକେ ଅନେକ ଥର ଫୋନ କଲେ ମଧ୍ୟ ତାଙ୍କ ଫୋନ ଲାଗୁନାହିଁ। ତାଙ୍କ ପୁଅ ତୁଲେଶ୍ୱର ମାଝୀ କଣ୍ଟାବାଞ୍ଜି ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।



# ଆଇନସେବା ପ୍ରାଧିକରଣ ଦ୍ୱାରା ଦାଦନ ସଚେତନତା

**ବଲାଙ୍ଗିର, ୧୮।୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ପଞ୍ଚାୟତଠାରେ ଏକ ଦାଦନ ଶ୍ରମିକଙ୍କ ସମସ୍ୟା ଉପରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ବିଚାରପତି ବିନୟ ପାତ୍ର ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ତଥା ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ବିଚାରପତି ବିମଲ ଚାନ୍ଦ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଏବିଡିଓ ରାମଦତ୍ତ ଭୋଇ, ଏବିନାଜାର ଦିପ, ପିୟୁଷ ରଞ୍ଜନ ନନ୍ଦ ଜଷ୍ଟିସ ମିଶନର ସଦସ୍ୟ, ସରପଞ୍ଚ ଜନ୍ମଜୟ ମେହେର, ପାରାଲିଗାଲ ସ୍ୱେଚ୍ଛାସେବୀ ଜୟକୃଷ୍ଣ ମିଶ୍ର, ସାମସନ ମିସାଲ, ବିଦ୍ୟୁତଲତା ଖମାରୀ ମଞ୍ଚାସୀନ ଥିଲେ। ଶ୍ରୀ ପାତ୍ର ଗରିବ ଲୋକଙ୍କୁ ମାଗଣା ଆଇନ ସେବା ଦେବା ପାଇଁ ସମସ୍ତଙ୍କ ଦ୍ୱାରମୁହଁରୁ ସେବା ପହଞ୍ଚାଇବା ପାଇଁ ଆମ ପାରାଲିଗାଲ ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଛନ୍ତି କିପରି ଅଭିଯୋଗ କରିବେ ତାହା ବୁଝାଇଥିଲେ। ଦାଦନ ଯାଉଥିବା ଶ୍ରମିକମାନେ ଅତ୍ୟାଚାରିତ ନ ହେବେ, ତାଙ୍କ ପୁଅଝିଅମାନେ ଶିକ୍ଷା ସ୍ୱାସ୍ଥ୍ୟରୁ ବଞ୍ଚିତ ନ ହେବେ, ପରିବାର ହଇରାଣ ନ ହେବା ପାଇଁ ଏକ ନେସନାଲ ଲିଗାଲ ଏଡ୍ ହେଲ୍ପ ଲାଇନ ନଂ. ୧୫୧୦୦ ବ୍ୟବହାର କରିବେ ଏବଂ ସମସ୍ତେ ଶ୍ରମିକ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବା ପାଇଁ ଅବଗତ କରାଇଥିଲେ। ପଞ୍ଚାୟତର ସମସ୍ତ କର୍ମଚାରୀ, ସଭ୍ୟସଭ୍ୟା, ମିଶନ ଶକ୍ତି ମାଁମାନେ ଏବଂ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସୁଲେକେଲା ନାବାଳିକା ବନ୍ଧକ ଘଟଣା

# ଅଭିଯୁକ୍ତ ଦାଦନ ସର୍ଦ୍ଦାର ସମାରୁ ବନଛୋର ଗିରଫ

**ବେଲପଡା, ୧୮।୨(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ସୁଲେକେଲା ଗାଁର ନାବାଳିକା ଝିଅ ବନ୍ଧକ ଘଟଣାରେ ଅଭିଯୁକ୍ତ ଦାଦନ ସର୍ଦ୍ଦାରକୁ ଗିରଫ କରିଛି ବେଲପଡା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ତୁରେକେଲା ଥାନା ତେନ୍ତୁଲିଖୁଣ୍ଟି ଗାଁର ସମାରୁ ବନଛୋର। ଅଭିଯୁକ୍ତ ପୁଲିସ ଏବଂ ଶ୍ରମ ନିରୀକ୍ଷକଙ୍କୁ ନାବାଳିକା ଝିଅ ବନ୍ଧକ ନୁହେଁ ମାମୁଘରେ ଥିବା କଥା କହିଥିଲା; କିନ୍ତୁ ଏହାପରେ ମଧ୍ୟ ଘଟଣାର ସତ୍ୟତା ଖବର ଦୈନିକ 'ସକାଳ'ରେ ପ୍ରସାରିତ ହେଉଥିଲା। ଅଭିଯୁକ୍ତକୁ ଦାଦନ ସର୍ଦ୍ଦାରକୁ ଧରିବାରେ ସଫଳ ହୋଇଛି ପୁଲିସ। ତେବେ ଏବେବି ଘଟଣାର ମୁଖ୍ୟ ଅଭିଯୁକ୍ତ ଇଟାଭାଟି ମାଲିକ ପ୍ରବୀଣ ଖେତୁ ଫେରାର ଥିବାରୁ ପୁଲିସ କେବେ ଗିରଫ କରିବ ବୋଲି ପ୍ରଶ୍ନ ଉଠୁଛି।

ସୂଚନା ଅନୁସାରେ, ଗତ ଜାନୁୟାରୀ ୪ ତାରିଖରେ ତୁରକେଲା ଥାନା ତେନ୍ତୁଲିଖୁଣ୍ଟି ଗାଁର ଦାଦନ ସର୍ଦ୍ଦାର ସମାରୁ ବନଛୋରଠାରୁ ୮୦ ହଜାର ଟଙ୍କା ବଇନା ନେଇ ବାହାର ରାଜ୍ୟ ତେଲଙ୍ଗାନାର ସାତନଗର ଅଞ୍ଚଳକୁ ଦାଦନ ଖଟିବାକୁ ଯାଇଥିଲେ ସୁଲେକେଲା ଗାଁର କାହ୍ନୁ ମଲିକ। ସାଙ୍ଗରେ ନିଜ ସ୍ତ୍ରୀ ଲକ୍ଷ୍ମିପ୍ରୀୟା, ଦିବ୍ୟାଙ୍ଗ ଝିଅ ଏବଂ ନାବାଳିକା ଅଙ୍କିତାକୁ ମଧ୍ୟ ନେଇଥିଲେ। ସେଠାରେ ୨ ମାସ ଧରି କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ କାହ୍ନୁ। ଇଟାଭାଟି ମାଲିକ ଶଙ୍କର ନାୟକ ଏବଂ ପ୍ରବୀଣ ଖେତୁ ସହ ସର୍ଦ୍ଦାର ସମାରୁ ବନଛୋର ନିର୍ଯାତନା ଏବଂ ଅତ୍ୟଧିକ କାମ ଯୋଗୁଁ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇପଡିଲେ କାହ୍ନୁ। ଏନେଇ ସ୍ୱାମୀଙ୍କ ଚିକିତ୍ସା ପାଇଁ କହିବା ପରେ ମଧ୍ୟ କାହ୍ନୁର ଚିକିତ୍ସା କରି ନଥିଲା ମାଲିକ। ଘରକୁ ଆସିବାକୁ କହିବା ପରେ ମଧ୍ୟ ଛାଡୁ ନଥିଲା। ନେଇଥିବା ବଇନା ଟଙ୍କା ଫେରାଇ ତା'ପରେ ଘରକୁ ଯିବା କଥା ମାଲିକ କହୁଥିଲା। ସ୍ୱାସ୍ଥ୍ୟବସ୍ଥା ସଙ୍ଗିନୀ ହେବାରୁ ନାବାଳିକା ଝିଅକୁ ବନ୍ଧକ ରଖି କାହ୍ନୁ, ସ୍ତ୍ରୀ ଓ ଦିବ୍ୟାଙ୍ଗ ଝିଅକୁ ଗାଁକୁ ପଠାଇଦେଇଥିଲା ଇଟାଭାଟି ମାଲିକ। ନିଜ ପାଖରେ ଥିବା ଜମିକୁ ବନ୍ଧକ ରଖି ସର୍ଦ୍ଦାର ପାଖରେ ୫୦ ହଜାର ଟଙ୍କା ପଠାଇଥିଲେ। ପରେ ବି ଝିଅ କୁ ଛାଡ଼ି ନଥିଲା ସର୍ଦ୍ଦାର। ଆହୁରି ୩୦ ହଜାର ଟଙ୍କା ଦାବି କରିବାରୁ ଶେଷରେ ନାବାଳିକା ଝିଅକୁ ଝୁରି ଝୁରି ଜୀବନ ହାରି ଦେଇଥିଲେ ବାପା କାହ୍ନୁ। ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଝିଅକୁ ଉଦ୍ଧାର କରିବାକୁ ପ୍ରଶାସନ ତତ୍ପରତା ଦେଖାଇଥିଲା। 'ସକାଳ'ରେ ଖବର ପ୍ରକାଶ ପରେ ଅଭିଯୁକ୍ତକୁ କାବୁ କରିଛି ବେଲପଡା ପୁଲିସ। ସକାଳେ ଘରେ ଥିବା ସମୟରେ ଚଢ଼ଉ କରି ଅଭିଯୁକ୍ତକୁ ଧରିଥିଲା ପୁଲିସ। ବେଲପଡା ଥାନାରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ନାଁରେ ଆଇପିସି ଅନୁଯାୟୀ ପାଟଣାଗଡ଼ କୋର୍ଟକୁ ଚାଲାଣ କରାଯାଇଥିବା ଥାନାଧିକାରୀ ସୁଶାନ୍ତ ଦାସ ସୂଚନା ଦେଇଛନ୍ତି।



- 'ସକାଳ'ର ମହାପ୍ରଭାବ
- ହେବେ କେବେ ବନ୍ଧାହେବେ ଇଟାଭାଟି ମାଲିକ

# ଅବସରପ୍ରାପ୍ତ ଶିକ୍ଷକ ରମେଶ ପ୍ରସାଦ ନନ୍ଦଙ୍କ ପରଲୋକ

**ବୀରମହାରାଜପୁର, ୧୮।୨ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ହିଲୁଙ୍ଗ ପଞ୍ଚାୟତ ମେଣ୍ଡାମାଳ ଗୌନ୍ତିଆ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ରାମଲୀଳା କଳାକାର ରମେଶ ପ୍ରସାଦ ନନ୍ଦଙ୍କ ୮୪ ବର୍ଷ ବୟସରେ ଶନିବାର ରାତିରେ ବୀରମହାରାଜପୁର ସୌରନଗର ବାସଭବନରେ ପରଲୋକ ଘଟିଛି। ତାଙ୍କ ସାନଭାଇ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବିବେକାନନ୍ଦ ନନ୍ଦ, ବଡ଼ପୁଅ ହାଇସ୍କୁଲ ପ୍ରଧାନ ଶିକ୍ଷକ ନବୀନ କିଶୋର ନନ୍ଦ, ସାନପୁଅ ଶିକ୍ଷକ ବିପିନ ବିହାରି ନନ୍ଦ, ଚାରି ଝିଅ, ଜ୍ୱାଇଁ ନାତି ନାତୁଣୀ ଉପସ୍ଥିତ ଥିଲେ। ଅବସର ପରେ ସେ ମେଣ୍ଡାମାଳ ରାମଲୀଳା ନାଟକରେ ଦୀର୍ଘ ୨୪ ବର୍ଷ ଧରି ଭରତ ଓ ରାବଣ ଭୂମିକାରେ ନିଖୁଣ ଅଭିନୟ କରିଥିଲେ। ରବିବାର ସକାଳ ଆଠଟାରେ ଲାଡୁରପେଟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ନବୀନ ମୁଖାଗ୍ନି ଦେଇଥିଲେ।



# ୨୪ତମ ମାଁ ସୁରେଶ୍ୱରୀ କ୍ରିକେଟ ଆରମ୍ଭ

**ସୁବଳୟା,୧୮।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ପିତାମହୁଲ ପଞ୍ଚାୟତର ଅନ୍ତର୍ଗତ ତୁଲେଶ୍ୱର ହାଇସ୍କୁଲ ପଡ଼ିଆରେ ମାଁ ସୁରେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୪ତମ କ୍ରିକେଟ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଆୟୋଜକ ଦଳ ଓ ନାଏକପଡା ସହ ପ୍ରଥମ ମ୍ୟାଚ ହୋଇଥିଲଶ। କ୍ୱାର୍ଟର ଫାଇନାଲରେ କୁମ୍ଭିଆ ବିଜୟ ଲାଭ କରିଥିଲା। ଏହି ପ୍ରତିଯୋଗିତାଟି ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଞ୍ଚଳର ୧୬ ଟି ଦଳ ଅଂଶଗ୍ରହଣ କରିଥିବା ଆୟୋଜକ ଦଳର ଅଧିନାୟକ ଦର୍ଶନି ସୂଚନା ଦେଇଛନ୍ତି ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଉମେଶ କର୍ମୀ ଓ ସମ୍ମାନିତ ଅତିଥି ଭାବେ ଯୁବ ସାହିତ୍ୟିକ ତଥା ସମାଜସେବୀ ଆଦିକାନ୍ତ ପଣ୍ଡା ଯୋଗଦେଇଥିଲେ। ଧିରେନ ସାହୁ ପରିଚାଳନା କରୁଛନ୍ତି। ସମସ୍ତ ସଭ୍ୟ ସହଯୋଗ କରୁଛନ୍ତି।

## ଛାତ୍ରଙ୍କୁ ଜାତିଆଣ ଭେଦଭାବ ଘଟଣା

# ପାଣଗଣ୍ଡା ସମାଜ ବିକାଶ ପରିଷଦର ଦାବିପତ୍ର

**ବୌଦ୍ଧ, ୧୮।୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଯୋଗିନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଗତ ସରସ୍ୱତୀ ପୂଜା ଦିନ ଜଣେ ଦଳିତ ଛାତ୍ରଙ୍କୁ ଜାତିଆଣ ଭେଦଭାବ ହୋଇଥିବା ଅଭିଯୋଗ କରିଛି ପାଣଗଣ୍ଡା ସମାଜ ବିକାଶ ପରିଷଦ। ଯୋଗୀନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଦୁଇ ଜଣ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗତ ସରସ୍ୱତୀ ପୂଜାଦିନ ଛାତ୍ରକୁ ଜାତିଗତ ଆପେକ୍ଷ ଓ ଅଛୁଁଆ ଭେଦଭାବ ରଖି ଛାତ୍ରକୁ ଆପେକ୍ଷ କରିଥିଲେ। ଏନେଇ ବୌଦ୍ଧ ଜିଲ୍ଲା ପାଣଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଶିକ୍ଷାଧିକରୀ ଗେହ୍ରା କୁଜୁରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପରିଷଦର ସଭାପତି ରୋହିତ କହଁର, ସମ୍ପାଦକ ସୁଧାଂଶୁ ଡାଙ୍ଗ, ଉପସଭାପତି ବସନ୍ତ ଖୁରା, କୋଷାଧକ୍ଷ ରାମଚନ୍ଦ୍ର ତାଣ୍ଡି, କାର୍ଯ୍ୟକାରିଣୀ ସଦସ୍ୟ ପୁରୁଷୋତ୍ତମ ବାଘଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ମାଓଗଡ଼ରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ

# ୪କୋଟି ୯୦ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ନୂଆପଡ଼ା, ୧୮।୨(ସମିସ)**

ନୂଆପଡ଼ା ଜିଲ୍ଲାର ଦୁର୍ଗମ ମାଓବାଦୀ ଅଧ୍ୟୁଷିତ ସୁନାବେଡା ଅଭୟାରଣ୍ୟ ଭିତରେ ଥିବା ହଜାର ହଜାର ଆଦିବାସୀ ବନବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାର ଅଣ୍ଟା ଭିଡିଛନ୍ତି। ରବିବାର ଦିନ ଏହି ଦୁର୍ଗମ ଇଲାକାକୁ ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ହେଲିକପ୍ଟର ଯୋଗେ ଗସ୍ତ କରି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ ଢୋଲକିଆ ରବିବାର ପୂର୍ବାହ୍ନ ୧୧ଟାରେ ବୋଇରଭାଡିସ୍ଥିତ ଅସ୍ଥାୟୀ ହେଲିପ୍ୟାଡରେ ଓହ୍ଲାଇଥିଲେ। ସାଙ୍ଗରେ ବିଧାୟକଙ୍କ ପ୍ରତିନିଧି ଜୟ ଢୋଲକିଆ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରାମଲାଲ ହଂସ ପ୍ରମୁଖ ସାମିଲ ଥିଲେ। ସେଠାରେ ମାଗୁରପାଣିଠାରେ ସ୍ଥାନୀୟ ଲୋକଙ୍କ ଦାବି ଅନୁସାରେ ୪୫ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ମିନି ଷ୍ଟାଡିୟମର ଶୀଳାନ୍ୟାସ କରିଥିଲେ। ସେଠାରେ ପୂର୍ବତନ ଖେଳାଳି, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗ୍ରାମବାସୀ ଯୋଗ ଦେଇଥିଲେ। ପରେ ସୁନାବେଡା ଅଭୟାରଣ୍ୟସ୍ଥିତ ସାଲେପଡ଼ା ହାଇସ୍କୁଲରେ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହି ଅବସରରେ ରୁପିଆମଠାରୁ ହଲୁଆପାଲି ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ୪କୋଟି ୪୫ଲକ୍ଷ ଟଙ୍କାର ରାସ୍ତା କାମର ଶିଳାନ୍ୟାସ କରିଥିଲେ। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ମୁରଲୀ ଭୋଇ, ଜିଲ୍ଲା ବିଜେଡି ସମ୍ପାଦକ କାଳିଆ ପ୍ରଧାନ, ସିବିଡିଓ ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁନାବେଡାର ହଜାର ହଜାର ସଂଖ୍ୟାରେ ଆଦିବାସୀ ପୁରୁଷ ଓ ମହିଳା ଯୋଗଦେଇ ମନ୍ତ୍ରୀ ଶ୍ରୀ ଢୋଲକିଆଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ କୁରୁମପୁରୀଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ବେଲଟୁକୁରୀ ଗସ୍ତ କରି ସେଠାରେ ଏକ ମିନି ଷ୍ଟାଡିୟମ ସହ ପାଚେରୀ ନିର୍ମାଣ କାମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଉମା ଠାକୁର ଉପସ୍ଥିତ ଥିବାବେଳେ ସ୍ଥାନୀୟ ଜନପ୍ରତିନିଧି, ଜନସାଧାରଣ ଯୋଗ ଦେଇଥିଲେ।



# ଜୟଡ଼ଙ୍ଗର ବୁଢ଼ା ଫୁଟ୍‌ବଲ: ଗୁଲମୀ ଚାମ୍ପିଅନ

**ମୁରିବାହାଲ, ୧୮।୨(ସମିସ):** ମୁରିବାହାଲ ବ୍ଲକ ମାଲିସିରା ପଞ୍ଚାୟତର ଚିକିନିବାହାଲି ଗ୍ରାମର ଖେଳପଡିଆଠାରେ ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଷଷ୍ଠ ଜୟ ଡ଼ଙ୍ଗର ବୁଢ଼ା ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ଦେଶୀଲକୁ ହରାଇ ଗୁଲମୀ ଚାମ୍ପିଅନ ହୋଇଛି। ଉଦଯାପନୀ ଦିବସରେ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଡ. ଅମଜତ ଖାଁ, ବିଜେଡି ସଭାନେତ୍ରୀ ଗୋପା ମହାନନ୍ଦ, ମାଲିସିରା ସରପଞ୍ଚ ଦେବରାଜ ପାତ୍ର, ପୂର୍ବତନ ସରପଞ୍ଚ ଡୋଳାମଣି ବାଗ, କ୍ରୀଡ଼ାବିତ ଲକ୍ଷେ ବାଗ, ନିର୍ମଳ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ପ୍ରକାଶ ସାହୁ, ସମ୍ପାଦକ ଛିତ୍ରସେନ ଯାନୀ, କୋଷାଧକ୍ଷ ପଖୀରାଜ ଯାନୀ ଓ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସର୍ବଭାରତୀୟ ରାମଧୂନ କପ୍ ଫୁଟ୍‌ବଲ

# ଭୁବନେଶ୍ୱର ଜଗା ୟୁନାଇଟେଡ ଚାମ୍ପିଅନ

**ସୋନପୁର, ୧୮।୨ (ସମିସ):** ଭୁବନେଶ୍ୱର ଜଗା ୟୁନାଇଟେଡ ଦଳ ୧୫ତମ ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଉଭୟ ପକ୍ଷରୁ ୧-୧ ଗୋଲ୍ ସ୍କୋର ହେଲା ପରେ ଆୟୋଜକ ରାମଧୂନ କ୍ଲବକୁ ପେନାଲ୍ଟି ସୁଟ୍‌ରେ ୪-୨ ଗୋଲରେ ଭୁବନେଶ୍ୱର ଜଗା ୟୁନାଇଟେଡ଼ ଦଳ ପରାସ୍ତ କରିଛି। ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିଜୟୀ ଦଳର ମହୋନ ମାଝୀ, ବେଷ୍ଟ ଇମର୍ଜିଂ ଖେଳାଳି ପୟଜନ ମୁଣ୍ଡା, ବେଷ୍ଟ ଡିସିପ୍ଲିନ୍ ଟିମ କଲିକତା, ବେଷ୍ଟ ପ୍ଲେୟାର ଭାବେ ଅଭୟ ମୁଣ୍ଡା, ବେଷ୍ଟ ଷ୍ଟ୍ରାଇକର ଭାବେ ମିଷ୍ଟର ଦବଙ୍ଗ, ବେଷ୍ଟ ଡିଫେନ୍ସ ଖେଳାଳି ଭାବେ ପପନ ବେହେରା, ବେଷ୍ଟ ଗୋଲ୍ କିପର ଭାବେ ଫଗୁ ବିଶୋଇଙ୍କୁ ପୁରସ୍କୃତ କରାଯାଇଛି। ରେଫରୀ ସଞ୍ଜୀବ ସାହୁ, ସଲିଳ ବେହେରା, ଜିତେନ୍ଦ୍ର ଥନାପତି, ପ୍ରଶାନ୍ତ ବେହେରା, ରାଜେଶ ଥନାପତି, ଦେବାଶିଷ ବାଗ, ଦିଲୀପ ରାଉତ ସମ୍ବର୍ଦ୍ଧିତ ହୋଇଛନ୍ତି। ସଂପାଦକ ପୀୟୂଷ ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ସମାରୋହରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡ଼ି ସଭାପତି ସରୋଜ କମ୍ପ, ଜିଲ୍ଲା କ୍ରିଡ଼ା ସଂଘ ଉପସଭାପତି ଚିତ୍ତରଞ୍ଜନ ତରାସିଆ, କ୍ରିକେଟ୍ ସଂଘ ସଭାପତି ରାମଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠି,ଶ୍ରୀବତ୍ସ ମଲ୍ଲିକ ଯୋଗ ଦେଇଥିଲେ।



## ବୌଦ୍ଧକୁ ଗଡ଼ିବ ରେଳ

# ଦ୍ରୁତଗତିରେ ଚାଲିଛି ୬.୭୯୨ କିମି ଟନେଲ ନିର୍ମାଣ

**ବୌଦ୍ଧ, ୧୮।୨(ସମିସ)**

ବୌଦ୍ଧ ଜିଲ୍ଲାରେ ଗଡିବ ରେଳ। ଏଥିପାଇଁ ପୂର୍ବତଟ ରେଳପଥ ଅଧୀନରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ତିଆରି ଚାଲିଛି ସୁଦୀର୍ଘ ଟନେଲ।

ରେଳ ବିହୀନ ବୌଦ୍ଧ ଜିଲ୍ଲାକୁ ରେଳପଥ ସଂଯୋଗ ପାଇଁ ଢେର ପୂର୍ବରୁ ଅଞ୍ଚଳବାସୀ ଦାବି କରିଆସୁଥିବାବେଳେ୧୯୯୫ରେ ଏହି ପ୍ରକଳ୍ପ ମଞ୍ଜୁରୀ ଲାଭ କରିଥିଲା। ବଲାଙ୍ଗିର, ସୋନପୁର, ବୌଦ୍ଧ, ନୟାଗଡ ଏବଂ ଖୋର୍ଦ୍ଧା ଜିଲ୍ଲାକୁ ସଂଯୋଗ କରୁଥିବା ୩୦୬ କିଲୋମିଟର ଦୀର୍ଘ ଏହି ରେଳ ପ୍ରକଳ୍ପରେ ବୌଦ୍ଧ ଜିଲ୍ଲାରେ ୧୧୦ କିଲୋମିଟର ରେଳପଥ ଅତିକ୍ରମ କରିବ। ବୌଦ୍ଧ ଜିଲ୍ଲାରେ ୧୦୫ଟି ଗ୍ରାମ ଦେଇ ଯିବାକୁ ଥିବା ରେଳପଥ ପାଇଁ ୩୦୬୭.୦୭୫ ଏକର ଅଣଜଙ୍ଗଲ ଜମି ଏବଂ ୫୯୫ ଏକର ଜଙ୍ଗଲ ଜମି ଅଧିଗ୍ରହଣ ହୋଇଛି। ତେବେ ପ୍ରକଳ୍ପ ମଞ୍ଜୁର ହେବା ଠାରୁ ଏପର୍ଯ୍ୟନ୍ତ ୨୯ ବର୍ଷ ବିତିଯାଇଥିଲେ ହେଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଇତିମଧ୍ୟରେ ବଲାଙ୍ଗିରଠାରୁ ସୋନପୁର ଏବଂ ଖୋର୍ଦ୍ଧାଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ରେଳପଥ ସଂଯୋଗୀକରଣ ହୋଇ ରେଳ ଚଳାଚଳ ଆରମ୍ଭ ହୋଇସାରିଛି। ତେବେ ବୌଦ୍ଧ ଜିଲ୍ଲାର ଚାରିଛକ ଏବଂ ନୟାଗଡ ଜିଲ୍ଲାର ଦଶପଲ୍ଲା ମଧ୍ୟରେ ଦୁର୍ଗମ ପାହାଡିଆ ଅଞ୍ଚଳରେ ୭ଟି ଟନେଲ ନିର୍ମାଣ ଚାଲିଥିବା ଯୋଗୁଁ ଉଭୟ ପଟୁ ଏହି ରେଳପଥର ସମ୍ପୂର୍ଣ୍ଣ ସଂଯୋଗୀକରଣ ହେବାରେ ବିଳମ୍ବ ହେଉଥିବା ଜଣାପଡିଛି। ବୌଦ୍ଧ ଜିଲ୍ଲାର ଚାରିଛକ ଏବଂ ମାଧପୁର ମଧ୍ୟରେ ଆଢ଼େଣିଗଡ଼ଠାରେ ୪.୧୮୫ କିମି, ତେଇଶମାଇଲଠାରେ ୧.୯୭୫ କିମି, ମାର୍ଦିଙ୍ଗଠାରେ ଦୁଇଟି ୩୧୫ ମିଟର ଏବଂ ୩୧୭ ମିଟର ଦୀର୍ଘ ଏହିପରି ମୋଟ ୬.୭୯୨ କିମି ଦୀର୍ଘ ଚାରୋଟି ଟନେଲ ନିର୍ମାଣ ଚାଲିଛି। ମାର୍ଦିଙ୍ଗଠାରେ ୩୧୭ ମିଟର ଦୈର୍ଘ୍ୟ ବିଶିଷ୍ଟ ଟନେଲର ଉଭୟ ପଟୁ ବାଟ ଫିଟିଥିବା ଫୋଟୋ ଏବଂ ଭିଡ଼ିଓ ପୂର୍ବତଟ ରେଳପଥ ପକ୍ଷରୁ ସୋସିଆଲ ମିଡ଼ିଆରେ ସେୟାର କରାଯାଇଛି। ଠିକା ସଂସ୍ଥାଗୁଡିକ ଦ୍ରୁତ ଗତିରେ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଖୁବ ଶୀଘ୍ର ସମସ୍ତ ଟନେଲ ନିର୍ମାଣ ସମାପ୍ତ ହେବ ବୋଲି ଆଶା କରାଯାଉଛି। ତେବେ ଖୋର୍ଦ୍ଧା ଡିଭିଜନ ଡିଆରଏମଙ୍କ କହିବା ଅନୁସାରେ ବଲାଙ୍ଗିର ପଟୁ ବୌଦ୍ଧ ପର୍ଯ୍ୟନ୍ତ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ରେଳ ଗଡିବ। ପୂର୍ବ ଏବଂ ପଶ୍ଚିମ ଓଡିଶାକୁ ଯୋଡୁଥିବା ଏହି ରେଳ ପ୍ରକଳ୍ପ ଅଳ୍ପ କିଛି ବର୍ଷ ପରେ ସମ୍ପୂର୍ଣ୍ଣ ହେବାକୁ ଆଶା କରାଯାଉଥିବା ବେଳେ ରାଜ୍ୟର ରେଳପଥ ବିହୀନ ଜିଲ୍ଲା ଭାବେ ପରିଗଣିତ ହେଉଥିବା ବୌଦ୍ଧ ଜିଲ୍ଲା ରେଳ ମାନଚିତ୍ରରେ ସ୍ଥାନିତ ହେବା ସହିତ ଜିଲ୍ଲାବାସୀ ଗମନାଗମନ କ୍ଷେତ୍ରରେ ଉପକୃତ ହୋଇପାରିବେ।





● ୩୧୭ ମିଟର ନିର୍ମାଣାଧୀନ ମାର୍ଦିଙ୍ଗ ଟନେଲ୍

# ତୀର୍ଥଯାତ୍ରାରେ ଗଲେ ୬୨ ବରିଷ୍ଠ ନାଗରିକ




**ସୋନପୁର, ୧୮।୨ (ସମିସ)**

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସୁବର୍ଣ୍ଣପୁର ଜିଲ୍ଲାରୁ ୬୨ ଜଣ ତୀର୍ଥ ଯାତ୍ରାରେ ବାହାରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲାର ୬୨ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ବାହାରିଥିବା ତୀର୍ଥଯାତ୍ରୀ ବସକୁ ଜିଲ୍ଲାପାଳ ଅନ୍ୟା ଦାସ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିବା ସହ ସଫଳ ଯାତ୍ରା ନିମନ୍ତେ ଶୁଭକାମନା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସୋନପୁର ପୌରାଧ୍ୟକ୍ଷା ତାମସୀ ତାମସ୍ମିତା ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ତୀର୍ଥ ଭ୍ରମଣ ପାଇଁ ଶୁଭ କାମନା କରି ଉତ୍ସାହିତ କରିଥିଲେ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ସହଦେବ ମେହେର ଓ କପିଳ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରୁ ବରିଷ୍ଠ ତୀର୍ଥ ଯାତ୍ରୀଙ୍କୁ ନେଇ ବାହାରିଥିବା ଏହି ବସ ସନ୍ଧ୍ୟାରେ ସମ୍ବଲପୁର ପର୍ଶୁରାମ ଭବନରେ ପହଞ୍ଚି ରାତ୍ରୀ ରହଣି କରିଛନ୍ତି। ଦିନ ୧୧ ଘଣ୍ଟା ୧୫ ମିରେ ରାଜ୍ୟ ସରକାରଙ୍କ ଦ୍ୱାରା ବ୍ୟବସ୍ଥିତ ସ୍ୱତନ୍ତ୍ର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନରେ ସୁବର୍ଣ୍ଣପୁର ଜିଲ୍ଲାର ୪୦ ଜଣ ପୁରୁଷ ଓ ୨୨ ଜଣ ମହିଳା ଯାତ୍ରୀ ତୀର୍ଥ ଯାତ୍ରା ଆରମ୍ଭ କରିବେ। ପଡୋଶୀ ୮ଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ଜିଲ୍ଲା ଉକ୍ତ ୬୨ ଜଣ ଅଜମେର ଓ ପୁଷ୍କର ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

# ତଳଗାଁ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'



**ହରଭଙ୍ଗା, ୧୮।୨(ସମିସ):** ହରଭଙ୍ଗା ବ୍ଲକ୍ ଉପାନ୍ତ ତଳଗାଁ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ହରଭଙ୍ଗା ବ୍ଲକ ବିଏସଏସଓ ଅବିନାଶ ପ୍ରଧାନ, ଅନ୍ୟତମ ଅତିଥି ବ୍ଲକ ଜନମଙ୍ଗଳ ଅଧିକାରୀ ବିବେକାନନ୍ଦ ମିଶ୍ର, ପିଇଓ ଦିଲୀପ ମଲିକ, ସରପଞ୍ଚ ପ୍ରତିମା କହଁର, ନାଏବ ସରପଞ୍ଚ ସୁରେନ୍ଦ୍ର କହଁର, ପୂର୍ବତନ ସରପଞ୍ଚ ରମା ବଗର୍ତ୍ତି, ଜିଆରଏସ ରବୀନ୍ଦ୍ର ଭୋକ୍ତା, ସମାଜସେବୀ ଜ୍ୟୋତିରଞ୍ଜନ ସାହୁ ଯୋଗ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ବିନା ସୁଧରେ ଲୋନ, ବିଏସକେୱାଇ କାର୍ଡରେ ଲୋକ ଉପକୃତ ହେବା, ଭତ୍ତା ବୃଦ୍ଧି, ବିଦ୍ୟାଳୟ ରୂପାନ୍ତରଣ ଅନ୍ତର୍ଭୁକ୍ତ ଆଦି ଉପରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ଲୋକନୃତ୍ୟ ସହ କୃଷ୍ଣ ଗୁରୁଭଜନ ସମ୍ବଲପୁରୀ ନାଚ ଲୋକଙ୍କୁ ବେଶ୍ ଉତ୍ସାହିତ କରିଥିଲା।

# ୟୁପି ସ୍କୁଲରେ ବାର୍ଷିକ ଉତ୍ସବ 'କସ୍ତୁରୀ'



**ଉଲୁଣ୍ଡା,୧୮।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ସିଣ୍ଡୋଲ ୟୁପିସ୍କୁଲର ବାର୍ଷିକ ଉତ୍ସବ କସ୍ତୁରୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜମ୍ବୋବତୀ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିଣ୍ଡୋଲ ସରପଞ୍ଚ ପ୍ରଦୀପ ଦେହେରି ମୁଖ୍ୟଅତିଥି, ବକ୍ତା ଭାବରେ ସୋନପୁର କଲେଜର ଅଧ୍ୟାପକ ଡ଼ ମିନକେତନ କୁମ୍ଭାର, ସ୍ୱତନ୍ତ୍ର ଅତିଥି ଭାବରେ ଅଭିନେତା ଜିତେନ୍ଦ୍ରିୟ ହୋତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁକେଶ ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜନାର୍ଦ୍ଦନ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କେ. ଦାସ, ଡ଼ ଅନିରୁଦ୍ଧ କୁରକୁରିଆ, ପରିଚାଳନା କମିଟି ସଭାପତି ନୂଆଦେଇ ଦେହୁରୀ, ନିରୁପମା ଦାସ, ସୁଧୀର ମୋହନ ଦାସ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନୀଳାମ୍ବର ଧରୁଆ ସଭା ସଂଯୋଜନା କରିଥିବା ବେଳେ ସୁନୀଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜନ୍ମେଜୟ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସିଆରସିସି ଅମିତ ସାହୁ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମଝିପଡା ସ୍କୁଲର ବାର୍ଷିକ ଉତ୍ସବ

**ସୋନପୁର, ୧୮।୨ (ସମିସ):** ରବିବାର ମଝିପଡା ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଡଃ ରାଧାକାନ୍ତ ଗଡତିଆ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ପୌରାଧ୍ୟକ୍ଷ କଏରୁ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରତାପଚନ୍ଦ୍ର ଦାଶ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନାୟକ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସିଆରସିସି ବ୍ରତାନନ୍ଦ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ଓ ଗୀତାଞ୍ଜଳି ତାଣ୍ଡି ପୁରସ୍କାର ବିତରଣରେ ସହଯୋଗ କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ମମତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ପଣ୍ଡା ଓ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ କଲ୍ୟାଣୀ ଅଗସ୍ତି, ଶିକ୍ଷକ ପବିତ୍ର ମେହେର ସହଯୋଗ ଜରିଥିଲେ।



# ବିଦାୟୀ ଜିଲ୍ଲାପାଳଙ୍କ କଥାରେ ସର୍ବସ୍ୱାନ୍ତ ହେଲେ ଯୁବ ଠିକାଦାର

## ପ୍ରାପ୍ୟ ପାଇବା ନେଇ ବାର ଦୁଆର

**ଶଗଡା, ୧୮।୨(ସମିସ):** ବୌଦ୍ଧର ପୂର୍ବତନ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ ଅବସର ନେବାକୁ କିଛି ଦିନ ବାକି ଥିବା ବେଳେ ଫୋକସ ଭିଲେଜ୍ କାର୍ଯ୍ୟକ୍ରମରେ ମନମୁଣ୍ଡାକୁ ଆସିଥିଲେ। ମନମୁଣ୍ଡା ମାର୍କେଟ ୟାଡଠାରେ ଅନୁଷ୍ଠିତ ବୈଠକରେ ମନମୁଣ୍ଡା ମେଡ଼ିକାଲ ଛକ ନିକଟରେ ଭେଣ୍ଡିଙ୍ଗ ଜୋନ, ୱାଲ୍, ବସ ଷ୍ଟପ୍ ଆଦି ବିଭିନ୍ନ କାର୍ଯ୍ୟ ପାଇଁ ଉପସ୍ଥିତ ଯୁବକଙ୍କୁ କହିଥିଲେ।

ମନମୁଣ୍ଡାର ଯୁବକ ମନୋଜ ଅଗ୍ରୱାଲ ଉକ୍ତ ସମସ୍ତ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବାରୁ ତାଙ୍କୁ ସମସ୍ତ କାର୍ଯ୍ୟ କରିବାକୁ କହିଥିଲେ। ମେଡ଼ିକାଲ ଛକ, ଗାନ୍ଧୀ ଛକରେ ବସ୍ ଷ୍ଟପ, ମେଡ଼ିକାଲ ଛକରେ ଭେଣ୍ଡିଂ ଜୋନ ଓ ୧୦୦ଫୁଟ ଲମ୍ବର ୱାଲ୍ ପାଇଁ ସମୁଦାୟ ୧୬ଲକ୍ଷ ଟଙ୍କାର କାର୍ଯ୍ୟ କରିଥିଲେ। ବିନା କାଗଜପତ୍ରରେ ଉକ୍ତ ୧୬ଲକ୍ଷ ଟଙ୍କାର କାର୍ଯ୍ୟ ତରବରିଆ ଭାବରେ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଦେଲେ। ଏହାର ତଦାରଖ ପାଇଁ ମନମୁଣ୍ଡାର ତତ୍କାଳୀନ ଯନ୍ତ୍ରୀ କାହ୍ନୁଚରଣ ସ୍ୱାଇଁଙ୍କୁ ଦାୟିତ୍ୱ ଦେଇଥିଲେ। ମନୋଜ ଉକ୍ତ ୧୬ଲକ୍ଷ ଟଙ୍କାର ସମସ୍ତ କାର୍ଯ୍ୟ ଠିକ ଭାବରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ ଅବସର ନେଲେ ଓ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ମଧ୍ୟ ବଦଳି ହୋଇଥିଲା। ମନୋଜ ତତ୍କାଳୀନ କନ୍ଧମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନଙ୍କ ନିକଟରେ କହିବାରୁ କାମ ବାବଦରେ ସେ ଜାଣି ନ ଥିବା କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁର, କନ୍ଧମାଳ ବିଡ଼ିଓ କଳାକୃଷ୍ଣ ପ୍ରଧାନ, ତହସିଲଦାର କର୍ଣ୍ଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଅବସର ପରେ ବିଡ଼ିଓଙ୍କ ଏଭଳି କାମ ବାବଦରେ ଜାଣି ନ ଥିବା କଥା କହିବା ଦୁର୍ଭାଗ୍ୟଜନକ। ଠିକାଦାର ସାଜିଥିବା ଯୁବକ ମନୋଜ ବର୍ତ୍ତମାନ ୧୬ଲକ୍ଷ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଏ ସମ୍ପର୍କରେ ମନୋଜ ବୌଦ୍ଧ ପିଡିଙ୍କୁ କହିବାରୁ ଏହା ମନରେଗା ଯୋଜନାରେ ହୋଇ ପାରିବ ବୋଲି କହିବା ସହ ମେଟେରିଆଲ୍ ୬୦ ପ୍ରତିଶତ ଓ ଶ୍ରମିକ ମଜୁରୀ ୪୦ ପ୍ରତିଶତ ଆକାରରେ ପ୍ରଦାନ କରାଯାଇ ପାରିବ ବୋଲି କହିଥିଲେ। ହେଲେ ଉକ୍ତ କାର୍ଯ୍ୟ ଗୁଡିକରେ ମେଟେରିଆଲ ଅଧିକ ଖର୍ଚ୍ଚ ହେଉଥିବାରୁ ମନରେଗା ଯୋଜନାରେ ଏହା ହୋଇପାରିବ ନାହିଁ ବୋଲି କହିଥିଲେ। ବ୍ଲକ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଆବଶ୍ୟକ ପ୍ରାପ୍ୟ ଯୋଗାଇ ଦେବାକୁ ମନୋଜ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କନ୍ଧମାଳ, ୧୮।୨(ସମିସ):** କନ୍ଧମାଳ ବ୍ଲକ କୁଲୁତାଜୋର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଆଦିବାସୀ ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି, ସହକାରୀଶିକ୍ଷକ ହରିହର ବେଜ, ସୌଦାଗର ମାଝୀ, ନୃତ୍ୟଗୁରୁ ସତ୍ୟ ବାଘ, ସାମ୍ବାଦିକ ପ୍ରଭାତ ସାହୁ, ସାମାଜିକ କର୍ମୀ ବଂଶୀଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନେ ମୋସ୍କୁଲ ଅଭିଯାନ ପାଣ୍ଠିକୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ନବମ ଶ୍ରେଣୀର ଛାତ୍ରଛାତ୍ରୀ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରିଥିଲେ। ପରେ ସମସ୍ତ ଛାତ୍ରଛାତ୍ରୀ ମିଶି ନୃତ୍ୟଗୀତ ଆୟୋଜନ କରିଥିଲେ।

# ଶିକ୍ଷକ-ଛାତ୍ରଛାତ୍ରୀଙ୍କ ମିଳନ

**ହରଭଙ୍ଗା, ୧୮।୨(ସମିସ):** ହରଭଙ୍ଗା ବ୍ଲକ ଗୋପବନ୍ଧୁ ସରକାରୀ ହାଇସ୍କୁଲ, ହରେକୃଷ୍ଣପୁରର ୨୦୧୩ ବ୍ୟାଚ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ରବିବାର ଦିନ ନୂଆପଡା ଡ୍ୟାମଠାରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ନିଜ ନିଜ ଭିତରେ ଉତ୍ତମ ବନ୍ଧୁତା ସ୍ଥାପନ ସହ ସମାଜରେ ଜଣେ ଜଣେ ଉତ୍ତମ ନାଗରିକ ହୋଇ ସାମାଜିକ ଚେତନା, ସେବା କରିବାକୁ ଉଦବୋଧନ ଦେଇଥିଲେ। ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ର ଅକ୍ଷୟ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଆଁ ଲାଗି ଦୁଇ ପାଳଗଦା ଭସ୍ମୀଭୂତ

**ଜହ୍ନାପଙ୍କ, ୧୮।୨(ସମିସ):** ବୌଦ୍ଧ ଥାନା ଖୁଣ୍ଟବନ୍ଧ ପଞ୍ଚାୟତ ଚଣ୍ଡିଗଡ଼ ଗ୍ରାମରେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚାଷୀଙ୍କ ଖଳାରେ ରଖାଯାଇଥିବା ଦୁଇଟି ପାଳ ଗଦାରେ ନିଆଁ ଲଗାଇ ଦେବା ଫଳରେ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଚଣ୍ଡିଗଡ ଗ୍ରାମର ବିଶ୍ୱାମିତ୍ର ଗାଇଗୌରିଆଙ୍କ ଖଳାରେ ଧାନ ଅମଳ ପରେ ଗାଈଗୋରୁଙ୍କ ଖାଦ୍ୟ ପାଇଁ ଦୁଇଟି ପାଳ ଗଦା ରଖିଥିଲେ। ଗତ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସେଥିରେ ନିଆଁ ଲଗାଇ ଦେବାରୁ ପୋଡି ଯାଇଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବୌଦ୍ଧ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଦୁଇ ପାଳ ଗଦା ପୋଡି ଭସ୍ମୀଭୂତ ହୋଇ ଯାଇଛି। ଗୋରୁଙ୍କ ପାଇଁ ରଖିଥିବା ବର୍ଷକ ଖାଦ୍ୟ ପୋଡ଼ି ନଷ୍ଟ ହୋଇ ଥିବାରୁ ଚାଷୀଙ୍କୁ ଗୋଖାଦ୍ୟ ଯୋଗାଇ ଦେବାକୁ ଦାବି ହେଉଛି।



# ଜିଲ୍ଲାରେ ଆଜିଠୁ ଗଡ଼ିବ ଲକ୍ଷ୍ମୀ ବସ୍

**ସୋନପୁର, ୧୮।୨ (ସମିସ):** ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଲକ୍ଷ୍ମୀବସ ସେବା ଆରମ୍ଭ କରିଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ସୋମବାର ଏହି ଲକ୍ଷ୍ମୀ ବସ ଚଳାଚଳର ଶୁଭାରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୨ଟି ଲକ୍ଷ୍ମୀ ବସ୍ ଆସିଥିବା ଜଣାପଡିଛି। ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବ। ରାମେଶ୍ୱର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲାପାଳ ଅନ୍ୟା ଦାସଙ୍କ ସହ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିବେ। ଉଦଘାଟନୀ ସମାରୋହ ପାଇଁ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ପ୍ରସ୍ତୁତି ଜାରି ରହିଥିବା ଆରଟିଓ ଅକ୍ଷୟ ଜେନାଙ୍କଠାରୁ ସୂଚନା ମିଳିଛି। ଦିନ ୧୧ଟା ୩୦ ମିନିଟରେ ଲକ୍ଷ୍ମୀ ବସ୍ ସେବା ଉଦଘାଟନୀ ସମାରୋହ ଅନୁଷ୍ଠିତ ହେବ। ଜିଲ୍ଲାର ୬ଟି ବ୍ଲକରେ ଏହି ଲକ୍ଷ୍ମୀ ବସ ଯାତ୍ରା ଉପଲବ୍ଧ ହେବ। ଏଥିପାଇଁ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମେତ ସୋନପୁର ବ୍ଲକ କାର୍ଯ୍ୟାଳୟ ଚଳଚଞ୍ଚଳ ହୋଇଯାଇଛି। ନୂତନ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ପୋଷାକ, ପରିଚୟପତ୍ର, ଟିକେଟ ମେସିନ୍ ଆଦି ପ୍ରଦାନ କରାଯାଇଛି। ଏହି ବସ ଚଳାଚଳ ପରେ ସୁବର୍ଣ୍ଣପୁର ଜିଲ୍ଲାର ବହୁ ଅପହଞ୍ଚ ଅଞ୍ଚଳକୁ ସ୍ୱଳ୍ପ ମୂଲ୍ୟରେ ଲୋକେ ଯାତ୍ରା କରିପାରିବେ। ଏହାଦ୍ୱାରା ବିଶେଷ କରି ଛାତ୍ରଛାତ୍ରୀ ଏବଂ ମହିଳାମାନେ ଉପକୃତ ହେବେ।



# ଜେସିସି କ୍ରିକେଟ୍ ପ୍ରତିଯୋଗିତା: ବନ୍ଧାପଥର ଚାମ୍ପିଅନ



**ଜହ୍ନାପଙ୍କ, ୧୮।୨(ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ୟୁଥ୍ ସ୍ପୋର୍ଟିଂ ଆନୁକୂଲ୍ୟରେ ମେଡ଼ିକାଲ ପଡିଆରେ ଚାଲିଥିବା ଜେସିସି କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ତିନି ଫର୍ମାଟ ବିଶିଷ୍ଟ ବନ୍ଧାପଥର ଓ ମୁରୁସୁନଢି ମଧ୍ୟରେ ଅନୁଷ୍ଠିତ ଫାଇନଲ ଖେଳରେ ବନ୍ଧାପଥର ୨- ୧ ସେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଖେଳକୁ ମୁନା ବାରିକ, ଈଶ୍ୱର ପ୍ରଧାନ, କଷ୍ଟ ପ୍ରଧାନ ପରିଚାଳନା କରିଥିଲେ ବାଦଲ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ଜେନା, ବରିଷ୍ଠ ଖେଳାଳି ଶାନ୍ତନୁ ଜେନା, ଦତ୍ତାତ୍ରେୟ ପ୍ରଧାନ ଯୋଗ ଦେଇଥିଲେ। କଷ୍ଟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଲକ୍ଷ୍ମଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ତିନିଦିନିଆ କ୍ରିକେଟ ପ୍ରତିଯୋଗିତାରେ ଅମନ ବେହେରା, ବିଶ୍ୱଜିତ ପ୍ରଧାନ, ଆଶିଷ ପ୍ରଧାନ, ଅଜୁ ପ୍ରଧାନ, ମକୁନ୍ଦ ଗଡ଼ନାୟକ, ରାକେଶ, ରାଜା ସହଯୋଗ କରିଥିଲେ।

# ଏଏମ୍‌ସି କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



**ଚାରିଛକ, ୧୮।୨(ସମିସ):** ହରଭଙ୍ଗା ଏଏମସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚଳିତବର୍ଷ କ୍ରିକେଟ ପ୍ରତିଯୋଗିତାର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଏହି ୨୫ତମ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ହରଭଙ୍ଗାର ସରପଞ୍ଚ ସଂକୁନ୍ତଳା ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ନଟବର ପ୍ରଧାନ, ନରୋତ୍ତମ ପ୍ରଧାନ ଯୋଗ ଦେଇଥିଲେ। ବିଜୟାନନ୍ଦ ପ୍ରଧାନ ଓ ମୋହନ କୁମାର ଖେଳ ପରିଚାଳନା କରିଥିଲେ। ରାଜୀବ ନାଏକ ସ୍କୋରର, ଚିକୁ ଅନଲାଇନ ସ୍କୋରର, ବିକାଶ ବେହେରା ଜିତେନ୍ଦ୍ର ପ୍ରଧାନ, ସାମ୍ବାରୁ ନାଏକ, ପ୍ରତାପ ପ୍ରଧାନ, ସଂଜୀବ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭ୍ୟ ଭଂଜନ ନାଏକ, ପ୍ରଦୀପ ନାଏକ,ଅଜୟ କଲତା, ଜୟଶଙ୍କର ପ୍ରଧାନ, ବିରାଟ, ଦୂରାନ, ବ୍ରଜବନ୍ଧୁ ସହଯୋଗ କରିଥିଲେ। ପ୍ରଥମେ ବୌଦ୍ଧ ବେଟିଂ କରି ୨୦ ଓଭରରେ ୮ୱିକେଟ ହରାଇ ୧୯୮ରନ ସଂଗ୍ରହ କରିଥିଲେ। ହରଭଙ୍ଗା ୧୭୭ ରନ ସଂଗ୍ରହ କରିପାରିଥିଲା।

## ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର




**ଧର୍ମଗଡ଼, ୧୮।୨(ସମିସ):** ଧର୍ମଗଡ଼ ଜଗନ୍ନାଥ ସେବା ସମିତି ଓ ଜୁନାଗଡ଼ ଲେପ୍ରା ସୋସାଇଟି ଦ୍ୱାରା ପରିଚାଳିତ ଜୁନାଗଡ଼ ନେତ୍ର ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଓ ମୋତିଆବିନ୍ଦୁ ଚିହ୍ନଟ ଶିବିର ଜୟହିନ୍ଦ ଏଜେନ୍ସୀଠାରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ତହସିଲଦାର ସଞ୍ଜୟ ସାମନ୍ତରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଟ୍ଟଯୋଷୀ, ସମିତିର ପରାମର୍ଶଦାତା ଭବାନୀ ଚରଣ ଦାସ, ପୂର୍ବତନ ନଗରପାଳ ସୁଶ୍ରୀ ହୀରା ବାଗ, ସମିତିର ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ବିଦ୍ୟାଧର ସାହୁ, ସମିତିର କାର୍ଯ୍ୟକାରୀ ସଭାପତି ଉମେଶଚନ୍ଦ୍ର ନାଏକ, ସଂପାଦକ ବୈଦ୍ୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଘନଶ୍ୟାମ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଟିଳ ଚକ୍ଷୁ ରୋଗୀର ଅସ୍ତ୍ରୋପଚାର ଜୁନାଗଡ଼ଠାରେ ନେତ୍ର ଚିକିତ୍ସାଳୟରେ ମାଗଣାରେ କରାଯିବ ବୋଲି ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜକ ଶିଶିର ସାବତ ପ୍ରକାଶ କରିଛନ୍ତି। ଲେପ୍ରା ସୋସାଇଟିର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଜିଜ୍ଞେସୁ ଅଗ୍ନିହୋତ୍ରୀଙ୍କ ସମେତ ଚକ୍ଷୁ ପରୀକ୍ଷା ସହଯୋଗୀ ଆକାଶ ସିଂ, ଉମାଶଙ୍କର ମହାନନ୍ଦ, କ୍ଷେତ୍ର ସଂଯୋଜକ କିନୁଚରଣ ଭରତିଆ ପ୍ରମୁଖ ସହଯୋଗ କରୁଛନ୍ତି। ୮୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା ସହ ସେମାନଙ୍କର ଖାଇବା ପିଇବାର ବନ୍ଦୋବସ୍ତ କରାଯାଇଥିଲା ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ପ୍ରକାଶ କରିଛନ୍ତି।

# ଉପାନ୍ତ ଅଞ୍ଚଳରେ ଶିକ୍ଷାର ନୂତନ ଆଲୋକବର୍ତ୍ତିକା

## ଆମପାଣି ଏସ୍‌ଏସ୍‌ଡି ହାଇସ୍କୁଲ ଯୁକ୍ତଦୁଇ କଳାରେ ସାମିଲ

**କୋକସରା, ୧୮।୨(ସମିସ)**



ରାଜ୍ୟ ସରକାର ସର୍ବଦା ଶିକ୍ଷାର ଉନ୍ନତି ପାଇଁ ଗୁରୁତ୍ୱ ଦେଇ ଆସୁଛନ୍ତି। ଉନ୍ନତ ଶିକ୍ଷା ପାଇଁ ବିଦ୍ୟାଳୟ ମାନଙ୍କୁ '୫-ଟି' ରେ ସାମିଲ କରି ସ୍ମାର୍ଟ ଶ୍ରେଣୀ କୋଠରୀ, ଇ-ଲାଇବ୍ରେରୀ ସହିତ ଅତ୍ୟାଧୁନିକ ବ୍ୟବସ୍ଥାରେ ଶିକ୍ଷା ଦାନ ପଦ୍ଧତିକୁ ଆଗେଇ ନେଇଛନ୍ତି। ଗତବର୍ଷ କୋକସରା ବ୍ଲକର ୪ ଗୋଟି ହାଇସ୍କୁଲକୁ ଯୁକ୍ତ ଦୁଇ କଳାରେ ସାମିଲ କରିଥିବା ବେଳେ ଏବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଆମପାଣି ଏସଏସଡିସି ହାଇସ୍କୁଲକୁ ଯୁକ୍ତ ଦୁଇ କଳାରେ ସାମିଲ କରିବା ପାଇଁ ସବୁଜ ସଙ୍କେତ ଦେଇ ଉପାନ୍ତ ଅଞ୍ଚଳର ଶିକ୍ଷା ବିକାଶ ଦିଗରେ ନୂତନ ଆଲୋକ ଦେଖାଇଛନ୍ତି। ସୂଚନା ଯୋଗ୍ୟ ଯେ କୋକସରା ବ୍ଲକର କୋକସରା ଓ ଲଡୁଗାଁଠାରେ ଯୁକ୍ତ ଦୁଇ କଳା ରହିଥିବାବେଳେ ବ୍ଲକ ସଦର ମହକୁମାଠାରେ ଏକମାତ୍ର ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ରହିଛି। ଏବେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆମପାଣିରେ ଥିବା ସରକାରୀ ଏସ୍‌ଏସଡି ବିଦ୍ୟାଳୟକୁ ଅଞ୍ଚଳର ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାର ଯୁକ୍ତ ଦୁଇ କଳାରେ ସାମିଲ କରିଥିବା ଜଣାପଡ଼ିଛି। ତେବେ ପୂର୍ବରୁ ଛାତ୍ରଛାତ୍ରୀମାନେ ଆର୍ଟ୍ସ ପାଇଁ କୋକସରା ଓ ଲଡୁଗାଁରେ ପଢୁଥିବାବେଳେ ଅନେକ ଛାତ୍ରଛାତ୍ରୀ ଇଚ୍ଛା ସତ୍ତ୍ୱେ ଆବଶ୍ୟକ ସ୍ଥାନ ପୂରଣ ହେତୁ ନିଜ ଅଞ୍ଚଳରେ ପଢ଼ି ନପାରି ଧର୍ମଗଡ଼, ଜୁନାଗଡ଼, ଜିଲ୍ଲା ସଦର ମହକୁମା ସମେତ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରୁଥିଲେ। ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପାଇଁ ଆଗ୍ରହ ଥିଲେ ମଧ୍ୟ ଦୂରତା ଓ ଯାତାୟତ ଅସୁବିଧା ଯୋଗୁଁ ବାଧ୍ୟବାଧକତା ଭାବେ ଅନ୍ୟ ସ୍ଥାନଗୁଡିକରେ ମଧ୍ୟ ନାମ ଲେଖାଉଥିଲେ। ଏବେ ଆମପାଣିଠାରେ ପୁଣି ଏକ ନୂତନ ଭାବେ ଯୁକ୍ତ ଦୁଇ କଳା ବିଦ୍ୟାଳୟ ଖୋଲିବା ପାଇଁ ସବୁଜ ସଙ୍କେତ ମିଳିବା ପରେ ଉଚ୍ଚ ଶିକ୍ଷା ପ୍ରତି ଇଚ୍ଛା ରଖିଥିବା ଅଞ୍ଚଳର ଛାତ୍ରଛାତ୍ରୀ ସହଜରେ ନାମ ଲେଖାଇ ପାଠ ପଢ଼ି ପାରିବେ। ଏହି ଖବର ଜାଣିବା ପରେ ଆମପାଣି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଧର୍ମଗଡ଼ ବିଧାୟକ ମୌଷଧୀ ବାଗ ଓ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏବଂ ଯୁକ୍ତ ଦୁଇ କଳା ପରେ ବିଜ୍ଞାନ ମଧ୍ୟ ଖୋଲିବା ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ ଗତବର୍ଷ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡ଼ଙ୍ଗରୀଗୁଡା, ଆମପାଣି ବୁଢ଼ରଜା ସରକାରୀ ଉଚ୍ଚ ବିଦ୍ୟାଳୟ, ଡହଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ନେଗୀଗୁଡା ଉଚ୍ଚ ବିଦ୍ୟାଳୟକୁ ଯୁକ୍ତ ଦୁଇ କଳାରେ ସରକାର ସାମିଲ କରି ସାରିଛନ୍ତି।

### ସେମାନେ ଯାହା କୁହନ୍ତି



ଏବେ ଆମେ ନିଜ ସ୍କୁଲରେ ପାଇବୁ ଉଚ୍ଚଶିକ୍ଷା। ଏଣିକି ଆଉ ବାହାର ସ୍କୁଲକୁ ଯିବାକୁ ପଡ଼ିବନି। ଯୁକ୍ତ ଦୁଇ ପଢ଼ିବାର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଉଛି।

**ଭୁମିସୁତା ପୁଝାରୀ, ଦଶମ ଶ୍ରେଣୀ**



ଆମ ଅଞ୍ଚଳର ଅନୁରୋଧ ରକ୍ଷା କଲେ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷ। ଏବେ ଆହୁରି ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀ। ଯୁକ୍ତ ଦୁଇ କଳା ପରେ ବିଜ୍ଞାନ ଖୋଲିବାକୁ ସରକାରଙ୍କୁ ଅନୁରୋଧ କରାଯାଉଛି।

**ହେମନ୍ତ ମାଝୀ, ଜିଲ୍ଲା ପରିଷଦ ସଭ୍ୟ**



ଯୁକ୍ତ ଦୁଇ ଖୋଲି ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଉଛି। ଆମ ସ୍କୁଲରେ ଏଥର ମାଟ୍ରିକ ପରେ ପ୍ରଥମ ଥର ପାଇଁ ଯୁକ୍ତ ଦୁଇ ପାଠ ଛାତ୍ରଛାତ୍ରୀ ପଢ଼ିବେ। '୫-ଟି' ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କର ଏ ଅଞ୍ଚଳରେ ଉଚ୍ଚ ଶିକ୍ଷା ପାଇଁ ଯେଉଁ ସଦିଚ୍ଛା ରହିଛି ତାହା ଛାତ୍ରଛାତ୍ରୀଙ୍କ ପାଇଁ ଆଶୀର୍ବାଦ ସଦୃଶ୍ୟ।

**କାଦମ୍ବିନୀ ମାଝୀ, ଶିକ୍ଷୟତ୍ରୀ**

## ୬୦ଟି କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୦, ୨୬୩ ଛାତ୍ରଛାତ୍ରୀ

**ନୂଆପଡ଼ା, ୧୮।୨(ସମିସ):** ରାଜ୍ୟର ଉପାନ୍ତ ନୂଆପଡ଼ା ଜିଲ୍ଲାରେ ମାଟ୍ରିକ ବୋର୍ଡ ପରୀକ୍ଷାକୁ ଅବାଧ ଏବଂ ସ୍ୱଚ୍ଛ କରାଯିବ। ଏଠିକାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ପ୍ରଶାସନ ଅଣ୍ଟା ଭିଡ଼ିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର କହିଛନ୍ତି। ଏହାକୁ ନେଇ ଚୂଡାନ୍ତ ପ୍ରସ୍ତୁତି ବୈଠକରେ ଶ୍ରୀ ଶବର ଜିଲ୍ଲାର ସମସ୍ତ ଶିକ୍ଷାଧିକାରୀ, ପ୍ରଧାନଶିକ୍ଷକଙ୍କୁ ଏହା ସୂଚାଇଛନ୍ତି। ଜିଲ୍ଲାରେ ମୋଟ ୬୦ଟି ପରୀକ୍ଷା କେନ୍ଦ୍ରରେ ୧୦ହଜାର ୨୬୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଏଥି ମଧ୍ୟରୁ ହାଇସ୍କୁଲ ବୋର୍ଡ ତରଫରୁ ୫୯ଟି କେନ୍ଦ୍ରରେ ୧୦, ୨୫୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ଗୋଟିଏ ଏସଓଏସସି ସେଣ୍ଟରରେ ୧୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ନୂଆପଡ଼ା ନୋଡାଲ କେନ୍ଦ୍ର ପ୍ରଧାନଶିକ୍ଷକ ଗୋଲାପଚନ୍ଦ୍ର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ରର ପରୀକ୍ଷକ, ନିରୀକ୍ଷକମାନେ ଯୋଗ ଦେଇଥିଲେ। ପରୀକ୍ଷାର ସୁପରିଚାଳନା ସକାଶେ ୫ଟି ବ୍ଲକରେ ୫ଟି ନୋଡାଲ ସେଣ୍ଟରର ସ୍ଥାପନା କରାଯାଇଛି। ୧୩ଟି ଡେସପାଚ ଟିମ, ୬୦ଜଣ ପର୍ଯ୍ୟବେକ୍ଷକ, ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ ଟିମ, ଗୋଟିଏ ଜିଲ୍ଲା ପ୍ରଶାସନର ଟିମ ଗଠନ କରାଯାଇଥିବାବେଳେ ଗୋଟିଏ ବୋର୍ଡ ସ୍କ୍ୱାଡ ଟିମ ନିୟୋଜିତ ହେବ। ପରୀକ୍ଷା କେନ୍ଦ୍ରଗୁଡିକରେ ପିଲାଙ୍କ ପାଇଁ ପାଣି, ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା, ଶୌଚାଳୟ, ବିଜୁଳି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପ୍ରୟାସ କରାଯାଇଥିବା ଅଧିକାରୀମାନେ ଉପସ୍ଥାପନା କରିଥିଲେ।

## ରାଜ୍ୟ କାୟାକଳ୍ପ ଟିମ୍‌ର ନର୍ଲା ସିଏଚ୍‌ସି ପରିଦର୍ଶନ



**ନର୍ଲା, ୧୮।୨(ସମିସ):** ରାଜ୍ୟ କାୟାକଳ୍ପ ଟିମର ସଦସ୍ୟ ତଥା ଜିଲ୍ଲା କ୍ୱାଲିଟି ଏସେସମେଣ୍ଟ ମ୍ୟାନେଜର୍ ରିତା ନାଏକ, ଆସିଷ୍ଟାଣ୍ଟ ମ୍ୟାନେଜର ସିପି ମିନାକ୍ଷୀ ମହାନ୍ତି, ହସ୍ପିଟାଲ ମ୍ୟାନେଜର ଶିବାଶିଷ ନାଏକ ପ୍ରମୁଖ ରବିବାର ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଗତ ୨୦୧୮ରୁ କ୍ରମାଗତ ଭାବରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାଜ୍ୟ କାୟାକଳ୍ପ ପୁରସ୍କାର ଲାଭ କରି କଳାହାଣ୍ଡି ଜିଲ୍ଲା ତଥା ନର୍ଲାର ଗୌରବ ବୃଦ୍ଧି କରିଆସୁଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ଅକ୍ଷୟ କୁମାର ଗୋଛାୟତ ଓ ବିପିଏମୟୁ ସବୀର ପଧାନଙ୍କ ତତ୍ତ୍ୱାବଧାନରେ ନର୍ଲାରେ ସ୍ୱାସ୍ଥ୍ୟସେବା ଜିଲ୍ଲା ତଥା ରାଜ୍ୟସ୍ତରରେ ସମ୍ମାନିତ ହୋଇଆସୁଛି। ନର୍ଲା ବୁଦ୍ଧିଜୀବୀ ମହଲରେ ତଥା ସାଧାରଣରେ ନର୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା କର୍ମଚାରୀ ମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଛି।

## ବାଳଗୋପାଳ ସେବା ନିକେତନର ମାତୃପିତୃ ସେବା

**କୋକସରା, ୧୮।୨(ସମିସ):** ଆଧ୍ୟାତ୍ମିକ ଗୁରୁମାତା ଅମୃତାନନ୍ଦମୟୀ (ଆତା)ଙ୍କ ନାମରେ ଗରିବ ଶ୍ରେଣୀର ବରିଷ୍ଠ ନାଗରିକ ମାନଙ୍କ ସେବା କାର୍ଯ୍ୟକୁ ଅମୃତା ମାତୃପିତୃ ସେବା କାର୍ଯ୍ୟ ନାମରେ ନାମିତ କରାଯାଇଛି। ଏହି ସେବା କାର୍ଯ୍ୟରେ ଅନ୍ନ ସେବା, ବସ୍ତ୍ର ସେବା ଓ ସ୍ୱାସ୍ଥ୍ୟସେବା ଆଦି ଯୋଗାଇ ଦିଆଯାଉଛି। ରବିବାର ବାଳଗୋପାଳ ସେବା ନିକେତନ, ଭବାନୀପାଟଣା ଓ ମାତୃ ଅମୃତାନନ୍ଦମୟୀ ମଠର ଯୁବ ଶାଖା ଆୟୁଧର ମିଳିତ ଆନୁକୂଲ୍ୟରେ କୋକସରା ବ୍ଲକ ଆମପାଣି ପଞ୍ଚାୟତର କଦାଗଡ଼ ଆମ୍ବ ବଗିଚାଠାରେ 'ଅମୃତା ମାତୃପିତୃ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ଆମପାଣି ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝୀ, ଆଝା ଅଧ୍ୟକ୍ଷ ରୁତୁରାଜ ମାଝୀ, ଭବେଶ ଗଇନ୍ତା, ଜିତେନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ବ୍ଲକ ବିଜେଡ଼ି ସଭାପତି ସୁଶାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଆମପାଣି, ବଡ଼ପୋଡ଼ାଗୁଡ଼ା ଓ ବରାଡଙ୍ଗା ଆଦି ପଞ୍ଚାୟତର ୧୮ ଟି ଗାଁରୁ ଆସିଥିବା ୪୫୩ ଜଣ ବୃଦ୍ଧା ଓ ୨୫୦ ଜଣ ବୃଦ୍ଧଙ୍କୁ ଅନ୍ନ, ବସ୍ତ୍ର ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ଏଥି ସହ ଡାକ୍ତରୀ ଦଳ ଦ୍ୱାରା ସ୍ୱାସ୍ଥ ପରୀକ୍ଷା କରି ମାଗଣାରେ ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା। ଏବଂ ଆଖି ପରୀକ୍ଷା କରି ୧୩ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଭବାନୀପାଟଣା ସ୍ଥିତ ଜଗନ୍ନାଥ ନେତ୍ରାଳୟକୁ ପଠାଇ ମାଗଣାରେ ଅସ୍ତ୍ରୋପଚାର କରାଯିବ। ବାଳଗୋପାଳ ସେବା ନିକେତନର ପ୍ରତିଷ୍ଠାତା ହେମନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିକାଶ ପ୍ରସାଦ, ନିରଞ୍ଜନ ବେହେରା, ସମ୍ବିତ କୁମାର ମୁଣ୍ଡ, ଭବାନି ଶଙ୍କର ଲହଜଲ, ଖୁସିରାମ ସାହୁ, ମିନିକେତନ ବାଗ ପ୍ରମୁଖ ସହଯୋଗ କରିଥିଲେ।




## ୧୭ଟି ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ ବିଜେଡିର ସାଙ୍ଗଠନିକ ବୈଠକ

**କେସିଙ୍ଗା, ୧୮।୨(ସମିସ):** ଭବାନୀପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେସିଙ୍ଗା ବ୍ଲକର ଯୁବକମାନଙ୍କୁ ନେଇ କିକିଆ ପଞ୍ଚାୟତର ଡଙ୍ଗରମୁଲି ଶିବମନ୍ଦିର ପ୍ରାଙ୍ଗଣରେ ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀ ନାଏକ ଯୋଗଦେଇ ତୃଣମୂଳ ସ୍ତରରେ ଯୁବ ସଂଗଠନକୁ ସୁଦୃଢ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ବିଜେଡି ସଂଗଠନକୁ ୱାର୍ଡ ସ୍ତରରୁ ମଜଭୂତ କରିବା ସହିତ ଷଷ୍ଠ ଥର ପାଇଁ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କେସିଙ୍ଗା ବ୍ଲକର ପଞ୍ଚାୟତ ସ୍ତରରେ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଦିଆଯାଇଥିଲା। ୧୭ଟି ପଞ୍ଚାୟତର ଯୁବ ଛାତ୍ର ନେତା, ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ ପ୍ରମୁଖ ଯୋଗଦେଇ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି, ୱାର୍ଡ ସ୍ତରର କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ସରପଞ୍ଚ ଓ ସମିତି ସଭ୍ୟ, ସମାଜସେବୀ, ଗାଇଗାଁ ସରପଞ୍ଚ ପ୍ରମୋଦ ସାହୁ, ଲିଙ୍ଗରାଜ ତାଣ୍ଡି, ଚାନଚେର ବିଜେଡି ଯୁବ ସଭାପତି ହରପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଯମୁନା ମୁନି, ଲକ୍ଷ୍ମଣ ସୁନା, ମାର୍କଣ୍ଡ ହିଆଲ, ଯୁବ ନେତା ମନିଷ ମହାରଣା, ରାଜେଶ ସାହୁ, ଅଜିତ ସୁନା, ରାଜ ଶିଖା, ଗୋପାଳ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ବିଭିନ୍ନ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ସିନାପାଲି, ୧୮।୨(ସମିସ):** ଓଡ଼ିଶା ସରକାରଙ୍କ '୫-ଟି' ଦ୍ୱାରା ପରିଚାଳିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଉପାନ୍ତ ଜନସାଧାରଣଙ୍କୁ ନୂତନ ମାର୍ଗ ଦେଖାଇଛି ଯାହା ଅଞ୍ଚଳର ଅଧିବାସୀମାନଙ୍କୁ ନୂତନ ଦିଶା ଯୋଗାଇବାରେ ସହାୟକ ହୋଇଛି ବୋଲି ଉପସ୍ଥିତ ଅତିଥି ଓ ଜନସାଧାରଣ ମତବ୍ୟକ୍ତ କରିଛନ୍ତି। ରବିବାର ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଖଇରପଦର, କେନ୍ଦୁମୁଣ୍ଡା ଓ ଘୁଚାଗୁଡା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁମୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ମଦନ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସିନାପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଖୁଟୁରାମ ସୁନାନୀ, ସମିତିସଭ୍ୟା ତୁଳସା ଖର୍ସେଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୋହନଦାସ ସତନାମୀ, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ଧବଳେଶ୍ୱର ମେହେର ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ରୋଜଗାର ସେବକ ତୁଳସିରାମ ନିଆଲ, ଯୋଗାଣ ସହାୟକ ପାର୍ଥବ ନାଏକ, ନାଏବ ସରପଞ୍ଚ ଗୋଲାପି ରଣା, ସୁପରଭାଇଜର ଟିକେମଣି ମାଝି, ପୂର୍ବତନ ସରପଞ୍ଚ କୈଳାଶ ବାଗ, ଅଙ୍ଗନୱାଡି କର୍ମୀ ଗୋପାବାଲି ନାଏକ, ଭାଗ୍ୟବତୀ ନାଏକ, ଏମବିକେ, ସିଆରପି ସମେତ ଶତାଧିକ ଲୋକ ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀ ଉର୍ମିଳା ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଖଇରପଦର ପଞ୍ଚାୟତରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ସରପଞ୍ଚ ଉନାସି ମାଝିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସିନାପାଲି ସରପଞ୍ଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ, ଖଡିଆଳ ବିଧାନସଭାସ୍ତରୀୟ ବିଜେଡ଼ି ସଭାପତି ମହେନ୍ଦ୍ର ସୁନାନୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗିରିରାଜ ମାଝି, ସମିତି ସଭ୍ୟା ଲିନା ମେହେର, ନାଏବ ସରପଞ୍ଚ ତ୍ରିଲୋଚନ ମାଝି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଢ଼କନଲାଲ ଚଲାନ, ଗ୍ରାମ ରୋଜଗାର ସେବକ ହରିଶ୍ଚନ୍ଦ୍ର ମାଝିଙ୍କ ସମେତ ଜନସାଧାରଣ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଏମବିକେ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ପ୍ରାଣୀ ମିତ୍ର, କୃଷି ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ଘୁଚାଗୁଡା ପଞ୍ଚାୟତରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ ସାଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ, ସିନାପାଲି ସରପଞ୍ଚ ସଙ୍ଘ ସଭାପତି ଖୁଟୁରାମ ସୁନାନୀ, ସମିତି ସଭ୍ୟ ହୀରାଲାଲ ତାଣ୍ଡି, ନାଏବ ସରପଞ୍ଚ ଉଗ୍ରସେନ ସା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ବରାଲ, ପଞ୍ଚାୟତ ବିଜେଡି ସଭାପତି ଗଜମନ ପ୍ରଧାନ, ଗ୍ରାମ ରୋଜଗାର ସେବକ କୈଳାଶ ମାଝି, ୱାର୍ଡ ସଭ୍ୟା ବିନ୍ଦିଆ ପ୍ରଧାନ, ଯଶୋବନ୍ତୀ ନାଏକଙ୍କ ସମେତ ଅନେକ ଉପସ୍ଥିତ ରହି ସଚେତନ କରିଥିଲେ।



# କୋମନା ଥାନାଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ନୂଆପଡ଼ା/କୋମନା, ୧୮।୨(ସମିସ)**

ନୂଆପଡ଼ା ଜିଲ୍ଲାର ବିଭିନ୍ନ ଦୃଷ୍ଟିକୋଣରୁ ସ୍ପର୍ଶକାତର କୋମନା ଥାନାଞ୍ଚଳରେ ଦିନକୁ ଦିନ ପୁଲିସର ଅପାରଗତା ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ଏହି ଥାନାଞ୍ଚଳରେ ଥିବା ସୁନାବେଡା ଅଭୟାରଣ୍ୟ, ପାଟପାଣି ଜଙ୍ଗଲ ଉପରେ ମାଓବାଦୀ ଗଡ଼ କରି ରହୁଥିଲେ। ହେଲେ ବର୍ତ୍ତମାନ ମଧ୍ୟ ଏଭଳି ସ୍ଥିତି ଆସିବାକୁ ବସିଲାଣି। ବିଶେଷ କରି ଉପାନ୍ତ ସୁନାବେଡା ଅଭୟାରଣ୍ୟ ଅଞ୍ଚଳରେ ଆଗକୁ ନିର୍ବାଚନ ଆସୁଛି ବୋଲି ମାଓବାଦୀଙ୍କ ବଡବଡିଆ କ୍ୟାଡର ନେତାମାନେ ପଇଁତରା ମାରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ଦୂରତା ବଢ଼ିବଢ଼ି ଗଲେ ମାଓବାଦୀଙ୍କୁ ସ୍ଥିତି ସୁହାଇଥାଏ। ଏବେ ପୂର୍ବସ୍ଥିତି ଯେ ନଆସୁ ସେଥିପାଇଁ ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାସ ପାଇଛି। ଯେ କୌଣସି ଲୋକ ପୁଲିସର ସହାୟତା ପାଇବାକୁ ଥାନାକୁ ଆସିଲେ ପୁଲିସ ବିଭିନ୍ନ ବାହାନା ଦେଖାଇ କେବଳ ଯେ ଷ୍ଟେସନ ଡାଏରୀ କରି କରି ଫେରାଇ ଦେଉଥିବା ଅଭିଯୋଗ ଆସିଛି। ଏହିଭଳି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ବିଭିନ୍ନ ସମୟରେ ଟଙ୍କା ଭାଗବଣ୍ଟାକୁ ନେଇ ମାମଲା ସବୁ ଲାଗି ରହିଥାଏ। ଏହାକୁ ନେଇ ଥାନାକୁ ଆସିଲେ କେତେକ ନିର୍ଦ୍ଦିଷ୍ଟ ଅଧିକାରୀ ମାମଲାକୁ କୋର୍ଟକୁ ନପଠାଇ ନିଜେ ରଫାଦଫା କରିଦେବାକୁ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି। ଏଭଳି ଏକ ଅଭିଯୋଗ ନେଇ କିଛି ଦିନ ତଳେ ଗ୍ରାମବାସୀ ନୂଆପଡ଼ା ଏସପିଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଥିଲେ। କୋମନା ଥାନାର କିଛି ଦୂରରେ ଖୋଲାଖୋଲି ଭାବେ ମଦ ଦୋକାନ, ଗଞ୍ଜେଇ ବିକ୍ରି ଚାଲିଥିବାବେଳେ ସଟ୍ଟା କାରବାର ଆଜିକୁ ୪-୫ ମାସ ହେବ ବ? ଚାଲିଛି। କେତେକ ସ୍ଥାନୀୟ ପୁଲିସ କର୍ମଚାରୀ ସଟ୍ଟା, ମଦ ଭାଟିଗୁଡିକରୁ ବଟି ଅସୁଲି କରୁଥିବା ଲୋକେ ଖୋଲାଖୋଲି ଆଲୋଚନା କରୁଛନ୍ତି। ବିଭିନ୍ନ ସମୟରେ ଦୁର୍ଘଟଣା କିମ୍ବା ମାର୍‌ପିଟ ଭଳି ଘଟଣାମାନ ହେଉଥିଲେ ମଧ୍ୟ ଥାନାଧିକାରୀ କେସ୍ ଦେଲେ ଯାଇ ପୁଲିସ ଘଟଣାସ୍ଥଳକୁ ଯିବବୋଲି ପ୍ରକାଶ କରୁଛି। ଏଭଳି ସ୍ଥିତି ଯଦି ଚାଲେ ଆଗକୁ ନିର୍ବାଚନ ଥିବାରୁ ସ୍ଥିତି ଅନିୟନ୍ତ୍ରିତ ରହିବ ବୋଲି କୁହାଯାଉଛି।

**● ମାଓବାଦୀ ଭୟ, ବେଆଇନ କାରବାର**

## ଉକ୍ଳେଲା ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ରଥ

**କେସିଙ୍ଗା, ୧୮।୨(ସମିସ):** ଗତ ମାସ ୨୯ ତାରିଖରୁ ଆରମ୍ଭ ହୋଇଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ରଥ ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରାଇବା ସହ ଗ୍ରାମାଞ୍ଚଳ ବିକାଶର ବାର୍ତ୍ତା ବଖାଣିଛି। ରବିବାର ସଚେତନତା ରଥ କେସିଙ୍ଗା ବ୍ଲକ ଉକ୍ଳେଲା ପଞ୍ଚାୟତରେ ପହଞ୍ଚିବାରେ ସେଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ଳେଲା ସରପଞ୍ଚ ନରେନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ବିଜେଡି ସଭାନେତ୍ରୀ ଲଳିତା ନାଏକ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗ ଦେଇଥିବା ବେଳେ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ଏବିଡ଼ିଓ ସିଦ୍ଧିଶ୍ୱର୍ ମେହେର, ଜିପିଇଓ ଲମ୍ବୋଦର ଶିଖା, ଉକ୍ଳେଲା ବିକାଶ ମଞ୍ଚ ସଭାପତି ଅନିରୁଦ୍ଧ ସାହୁ, ସମିତି ସଭ୍ୟ ତ୍ରିନାଥ ମାଝୀ, ଜିଲ୍ଲା ପରିଷଦ ସଦସ୍ୟା ସୁନୀତା ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ଗିରିଜା ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ନିଜ ନିଜ ବିଭାଗର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ସଚେତନ କରାଯାଇଥିଲା। ଶେଷରେ ଗ୍ରାମାଞ୍ଚଳର ଲୁକ୍କାୟିତ କଳାକାର ଓ କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ଗଣ୍ଡାବାହାଲି, ୧୮।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସୁନାରି ସିକୁଆଁ ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ଭୋଲେଶ୍ୱରୀ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କୃଷି ବିକାଶ କିଷାନ ସଂଗଠନ ନୂଆପଡ଼ା ଜିଲ୍ଲା ସଭାପତି ବେଣୁଧର ଗହିର, ଗଙ୍ଗାରାମ ବାନ୍ଧିଚୋର, ସମିତି ସଭ୍ୟା ବିଜୟା ମେହେର, ଅଙ୍ଗନବାଡ଼ି କର୍ମୀ ଲୟାବତୀ ଦୁରିଆ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସୀମାଞ୍ଚଳ ଶବର, କୃଷି ଗ୍ରାମ ସେବକ ବୈକୁଣ୍ଠ ପାଣିଗ୍ରାହୀ ମଞ୍ଚସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଗୋପୀନାଥ ହାଇସ୍କୁଲର ସଂସ୍କୃତ ପଣ୍ଡିତ ଶିକ୍ଷକ ସନ୍ୟାସୀ ଦାସ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଟଙ୍କ ଧର ବୈଠାରୁ, ସନ୍ତୋଷ ଜଗତ ଓ ରାଘବ ଜଗତ। ଗୋପୀନାଥ ହାଇସ୍କୁଲ, ନୋଡାଲ ଉଚ୍ଚ ବିଦ୍ୟାଳୟ, ଚିନ୍ଧାପଡ଼ା ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ଏମବିକେ, ସିଆରପି, ଇସି ମେମ୍ବର, ମହିଳା ଶକ୍ତି ସଦସ୍ୟା ଯୋଗ ଦେଇଥିଲେ। ସେହିପରି କିରିକିଟା ପଞ୍ଚାୟତରେ ସରପଞ୍ଚ ଛବି ମାଝୀଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଗାୟତ୍ରୀ ମାଝୀ, ନାଏବ ସରପଞ୍ଚ ଜାହ୍ନବି ଧରୁଆ, ଆଇସିଡିଏସ ସୁପରଭାଇଜର ଶକୁନ୍ତଳା ନାଗ, କାର୍ଯ୍ୟ ନିର୍ବାହୀ ଅଧିକାରୀ ମନିସ ସାହୁ, ବିଏଫଟି ବିଭୁତି ଭୂଷଣ ବିଶି ଯୋଗଦେଇ ଯୋଜନା ଗୁଡିକ ଉପରେ ଲୋକଙ୍କୁ ଅବଗତ କରିଥିଲେ। କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ପଞ୍ଚାୟତର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ ସମାରୋହ

# ପୁରସ୍କୃତ ହେଲେ ୨୨୦୧ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍ଏମ୍ସି, ଆଲୁମିନି କମିଟି ଓ ଗ୍ରାମପଞ୍ଚାୟତ

**ଭବାନୀପାଟଣା, ୧୮।୨(ସମିସ)**

ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ତରଫରୁ ଅନେକ ସମୟରେ ଅଭିନବ ଯୋଜନା ସବୁ ପ୍ରଣୟନ ହେଉଛି। ସେହି କ୍ରମରେ ଶିକ୍ଷାୟତନର ବିବିଧ ଦିଗ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାସହ ସମ୍ପୃକ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଏସଏମସି, ଆଲୁମିନି କମିଟି ଓ ଗ୍ରାମପଞ୍ଚାୟତମାନଙ୍କୁ ଶିକ୍ଷାର ବିକାଶ ଦିଗରେ ଉତ୍ସାହିତ କରିବା ପାଇଁ ପ୍ରଚଳିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଏକ ଅଭିନବ ପ୍ରୟାସ ବୋଲି କଳାହାଣ୍ଡି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଡିଆଇଇଟି ପଡ଼ିଆରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ମୌସଧି ବାଗ, ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ,



ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା, ଡିଆଇଇଟି ଅଧ୍ୟକ୍ଷା ଡ.ସ୍ନେହପ୍ରଭା ମହାପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା ଅତିଥି ଭାବେ ଯୋଗଦେଇ କୃତି ପ୍ରତିଭା ଓ ଅନୁଷ୍ଠାନମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ୧୧୭ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଏକାଡେମିକ ପୁରସ୍କାର (୧୧ ଲକ୍ଷ ୭୦ ହଜାର ଟଙ୍କା), ୧୩୩୪ ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ଏକାଡେମିକ ପୁରସ୍କାର (୬୬ ଲକ୍ଷ ୭୦ ହଜାର), ୬୧୪ ଜଣଙ୍କୁ ଛାତ୍ର ଲିଡରସିପ ପୁରସ୍କାର (୧୮ ଲକ୍ଷ ୪୨ ହଜାର), ୧୨ଟି ବ୍ଲକ ଆଲୁମିନି କମିଟି ପୁରସ୍କାର (୩ ଲକ୍ଷ ୬୦ ହଜାର), ୭ଟି ମାଧମିକ ପ୍ରଧାନଶିକ୍ଷକ ପୁରସ୍କାର (୨ଲକ୍ଷ ୧୦ ହଜାର), ୩୯ଟି ଲେଖାଏଁ ମାଧମିକ ଓ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର (୧ କୋଟି ୧୭ ଲକ୍ଷ) ଓ (୩୯ ଲକ୍ଷ), ୧୩ଟି ଲେଖାଏଁ ବ୍ଲକ ସ୍ତରୀୟ ଗ୍ରାମପଞ୍ଚାୟତ ପୁରସ୍କାର (୧୩ ଲକ୍ଷ), ଏସଏମସି ପୁରସ୍କାର (୩ ଲକ୍ଷ ୯୦ ହଜାର) ଓ ପ୍ରାଥମିକ ଶିକ୍ଷକ ପୁରସ୍କାର ପ୍ରଦାନ (୩ ଲକ୍ଷ ୨୫ ହଜାର ଟଙ୍କା) ପ୍ରଦାନ କରାଯାଇଛି। ଜିଲ୍ଲାର ୧୩ଟି ବ୍ଲକରୁ ସମୁଦାୟ ୨୨୦୧ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଏସଏମସି, ଆଲୁମିନି କମିଟି ଓ ଗ୍ରାମପଞ୍ଚାୟତ ପ୍ରତିନିଧି ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସର୍ବେଶ୍ୱର ଭୋଇ, ଜଗନ୍ନାଥ ତ୍ରିପାଠୀ, ସଙ୍ଗୀତା ରାଉତ ଓ ଯଦୁ ନାଏକ ସଙ୍ଗୀତ ପରିବେଷଣ କରିଥିବା ବେଳେ ଡିଆଇଇଟିର ଗୁରୁଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା, ଶୃତି ସିଲଭା ପଣ୍ଡା ଓ ବିରଞ୍ଚି ନାରାୟଣ ମୁଣ୍ଡ। ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମୋ ସ୍କୁଲ ସଂଯୋଜକ ପ୍ରଶାନ୍ତ ନନ୍ଦ ଓ ଶଗଡ଼ା ହାଇସ୍କୁଲ ପ୍ରଧାନଶିକ୍ଷକ ସୁକାନ୍ତ ସାହୁ। ଏଥିରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ଡିଆଇଇଟି ଓ ଆୟୋଜକ କମିଟିର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ଭବାନୀପାଟଣା, ୧୮।୨(ସମିସ):** ଭବାନୀପାଟଣା ଟିଭିସେଣ୍ଟର ପଡ଼ା ଖେଳ ପଡ଼ିଆରେ ଠାରେ ଦୀପକ ବାଗ (୨୫) ନାମକ ଜଣେ ଯୁବକ ବରଗଛରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ଗତରାତିରୁ ଘରୁ ନିଖୋଜ ଥିଲେ ଏବଂ ଆଜି ସକାଳେ ଟିଭି ସେଣ୍ଟର ପଡ଼ା ଖେଳ ପଡ଼ିଆରେ ତାଙ୍କୁ ଝୁଲନ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଯୁବକ ଜଣକ ଆମ୍ବଗଛ ପଡ଼ାର ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଟାଉନ ଥାନା ପୁଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ସାଇଣ୍ଟିଫିକ୍ ଟିମ ଓ ଡଗ ସ୍କ୍ୱାର୍ଡ଼ ଆସି ତଦନ୍ତ କରିଛି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୪ ଗୁରୁତର

**କୋକସରା, ୧୮।୨(ସମିସ) :** କୋକସରା ବ୍ଲକ ଆମପାଣି ଥାନା ଦର୍ଲିପଡ଼ା ବଜାର ପଡ଼ିଆ ନିକଟରେ ରବିବାର ସନ୍ଧ୍ୟାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୪ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ମାନେ ହେଲେ ସାନପୋଡାଗୁଡା ଗ୍ରାମର କେଶବ ପୁଝାରୀ (୩୮), ଦାବ୍ରିଗୁଡାର ଗାଁର ଥବିର ନାଏକ(୨୦), ଆମପାଣିର କୀର୍ତ୍ତନ ନାଏକ(୨୨) ଓ ଦର୍ଲିପଡ଼ାର କେଶବ ମାଝୀ(୨୮) ବୋଲି ଜଣାପଡ଼ିଛି। ଗୋଟିଏ ବାଇକରେ ତିନ ଜଣ ରହିଥିବାବେଳେ ଅନ୍ୟ ଏକ ବାଇକ ଦର୍ଲିପଡ଼ାର କେଶବ ଚଲାଉଥିଲେ। ଦୁର୍ଘଟଣା ଯୋଗୁ ଗୁରୁତର ୪ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଦର୍ଲିପଡ଼ାର କେଶବଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ

**ନୂଆପଡ଼ା, ୧୮।୨(ସମିସ):** ସ୍ଥାନୀୟ ଜିଲ୍ଲା ପୁଲିସ ପଡ଼ିଆଠାରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦୀପିକା କୌଶଲ୍ୟା ଦୀପ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ନୂଆପଡ଼ା ବ୍ଲକ ଅଧ୍ୟକ୍ଷ ତାରେଶ୍ୱରୀ ସାହୁ, ଅଧ୍ୟକ୍ଷ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡ଼ା ଡ଼. ବିକ୍ରମାଦିତ୍ୟ ସିଂ ବରିହା, ଜିଲ୍ଲାପରିଷଦ ସଦସ୍ୟ ଅବନୀରଞ୍ଜନ ଯୋଶୀ, ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ହେମନ୍ତ ଭୋଇ ଯୋଗଦେଇ କୃତୀ ପ୍ରତିଭାକୁ ମାନପତ୍ର ଓ ଫଳକ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ଏହି



ଅବସରରେ ଉପଲବ୍ଧି ନିମନ୍ତେ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଶୈକ୍ଷିକ ପୁରସ୍କାର, ୫୧୩ ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ଶୈକ୍ଷିକ ପୁରସ୍କାର, ୨୭୩ ଜଣଙ୍କୁ ଛାତ୍ରଛାତ୍ରୀ ନେତୃତ୍ୱ ପୁରସ୍କାର, ଏବଂ ୧୫ଟି ମାଧମିକ ବିଦ୍ୟାଳୟ, ୧୫ଟି ପ୍ରାଥମିକ ବିଦ୍ୟାଳୟ, ୨ଟି ଗ୍ରାମ ପଞ୍ଚାୟତ, ୫ଟି ଆଲୁମୁନି କମିଟି, ୫-ଟି ବିଦ୍ୟାଳୟ ପରିଚାଳନା କମିଟି, ୫ ଜଣ ମାଧମିକ ପ୍ରଧାନ ଶିକ୍ଷକ ଓ ୫ଜଣ ପ୍ରାଥମିକ ଶିକ୍ଷକଙ୍କୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ, ସହ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ତୁଲାଭାଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତା ଏବଂ ସହକାରୀ ଶିକ୍ଷକ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା ଶଙ୍କର୍ଷଣ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଗିରିଧାରୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# କାଣ୍ଡେତରା ଆଶ୍ରମ ସ୍କୁଲର ବାର୍ଷିକୋତ୍ସବ



**ନୂଆପଡ଼ା/କୋମନା, ୧୮।୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ କାଣ୍ଡେତରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଦନ ସୁନ୍ଦର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ମୁଖ୍ୟ ଅତିଥି, ଏସଏସଡ଼ି ଡିଆଇ ଉଦୟସିଂ ମାଝି ମୁଖ୍ୟବକ୍ତା, କାଣ୍ଡେତରା ହାଇସ୍କୁଲ ପ୍ରଧାନଶିକ୍ଷକ ଜୀବନାନନ୍ଦ ଆଚାର୍ଯ୍ୟ, ଗଣ୍ଡାମେର ସିଆରସିସି ସନ୍ତୋଷ ବାଗ, କାଣ୍ଡେତରା ସରପଞ୍ଚ କଲ୍ୟାଣୀ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସିରାଜ ଖାନ, ଏସଏସଡ଼ି ଶିକ୍ଷକ ସଂଘ ଜିଲ୍ଲା ସଭାପତି ଶୁଶୀଳ ପତି, ଜିଲ୍ଲା ମଙ୍ଗଳ ଅଫିସ ଏସଓ ଦିନେଶ ବିଶ୍ୱାଳ, ଶିକ୍ଷକ ସନ୍ତୋଷ ହୋତା, ଶ୍ୟାମ ଦଣ୍ଡସେନା, ଧନିକର ଜଗତ, ତେଜୁରାମ ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୋମନାଥ ମାଝି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଟ୍ରନ ସରୋଜିନୀ ବନଛୋରଙ୍କୁ କର୍ମଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ହିମାଂଶୁ ବିଶ୍ୱାଳ, ଲଳିତ ବାଗ, ଭରତ ଶବର, ଶିକ୍ଷୟିତ୍ରୀ ମୁର୍ସିଦା ଖାନ ପ୍ରମୁଖଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ କାୟାକଳ୍ପ ଟିମ୍

**ଲାଞ୍ଜିଗଡ଼, ୧୮।୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରବିବାର ରାଜ୍ୟ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। କାୟାକଳ୍ପ ଟିମ୍ ପହଞ୍ଚିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସ୍ୱାସ୍ଥ୍ୟ କେନ୍ଦ୍ରର ଆନୁସାଙ୍ଗିକ ସୁବ୍ୟବସ୍ଥା ସହ ସ୍ୱଚ୍ଛତା, ପରିବେଶ ପରିଚ୍ଛନ୍ନତା, ପିଇବା ପାଣି, ଔଷଧ ଭଣ୍ଡାର, ଚିକିତ୍ସିତ ରୋଗୀଙ୍କ ସହିତ ସାକ୍ଷାତ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗକୁ ତଦାରଖ କରିଥିଲେ। ଏଥିରେ ଟିମ୍ ସଦସ୍ୟ ଡାକ୍ତର ସତ୍ୟ ନାରାୟଣ ସାମଲ, ସୁନିତା ଜେନା, ତୃପ୍ତି ମିଶ୍ର ପ୍ରମୁଖ ଥିବା ବେଳେ ଜିଲ୍ଲାରୁ କାୟାକଳ୍ପ ଜିଲ୍ଲା ସଂଯୋଜିକ ରୀତା ନାଏକ, ଆଶା କୋର୍ଡିନେଟର ମୀନାକ୍ଷୀ ମହାନ୍ତି ପ୍ରମୁଖ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଭବାନୀଶଙ୍କର ଲେଙ୍କା, ଗୋଷ୍ଠୀ ସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ଦିବାକର ପ୍ରଧାନ, ବିପିଏମ ମାନସ ନୟନ ସ୍ୱାଇଁ, ବିଡିଏମ ମକରଧ୍ୱଜ ନାଏକ, ବାମ୍ ମିତ୍ରଭାନୁ ଦାସ, ପ୍ରେମଚାନ୍ଦ ପାଣିଗ୍ରାହୀ, ଏସଟିଏସ ସନ୍ଦିପ ରଥ, ଏମଟିଏସ ସଞ୍ଜୟ ଦାସ, ଲକ୍ଷ୍ମୀପ୍ରିୟା ସାହୁ, ଅନୁସରି କଅଁର, ପ୍ରତିମା ଧାରୁଆ, ଦୀଲିପ ମାଝୀ ଓ ଅଞ୍ଜନା ଭଇଁସାଲଙ୍କ ସମେତ ସମସ୍ତ ଏଲଏମକେ କର୍ମଚାରୀ ଉପସ୍ଥିତ ଥିଲେ।



## ଶ୍ରେଷ୍ଠ ପ୍ରାଥମିକ, ମାଧମିକ ବିଦ୍ୟାଳୟ ଓ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର (ଫ-୧୫)

କର୍ଲାମୁଣ୍ଡା, ୧୮।୨(ସମିସ): ଭବାନୀପାଟଣାଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲାର ଶ୍ରେଷ୍ଠ ବିଦ୍ୟାଳୟ ଓ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏହି କ୍ରମରେ କର୍ଲାମୁଣ୍ଡା ବ୍ଲକର ଶ୍ରେଷ୍ଠ ହାଇସ୍କୁଲ ଓ ପ୍ରଧାନଶିକ୍ଷକ ଭାବେ ତେରେସିଙ୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ଗରୁଡ଼ଧ୍ୱଜ ଗହୀରଙ୍କୁ ସମ୍ମାନିତ କରାଯାଇଛି। ସେହିପରି ଏହି ବ୍ଲକର ଶ୍ରେଷ୍ଠ ପଞ୍ଚାୟତ ଭାବେ ଗଜବାହାଲ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସରପଞ୍ଚ ଅରବିନ୍ଦ ଗହୀର ଉପସ୍ଥିତ ରହି ଏହି ପୁରସ୍କାର ଗ୍ରହଣ କରିଥିଲେ। ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ରିଷିଡ଼ା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବାଞ୍ଜିପଦର, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସାପଲହରା, ସରକାରୀ ଉଚ୍ଚ ପ୍ରାଥମିକବିଦ୍ୟାଳୟ ବଡ଼ଢୁଙ୍ଗୁରିଗୁଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ ଡଙ୍ଗରମୁଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ ଧରଣୀ ପଡ଼ା (ରିଞ୍ଜା ), ପ୍ରାଥମିକଶିକ୍ଷକ ଦୁଷ୍ମନ୍ତ ସାହୁ ସରକାରୀ ପ୍ରାଥମିକ ବଦ୍ୟାଳୟ ବିଯାପାଟି ଏହି ପୁରସ୍କାର ଗ୍ରହଣ କରିଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୌସଧି ବାଗ, ଏସଡିଏ ଅଧ୍ୟକ୍ଷ ଶିବାଜୀ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ରାଇଫଲ ପ୍ରତିଯୋଗିତା

**ଭବାନୀପାଟଣା, ୧୮।୨(ସମିସ):** ଜିଲ୍ଲା ସଦର ମହକୁମାସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ୧୦ ମିଟର ରାଇଫଲ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। କଳାହାଣ୍ଡି ରାଇଫଲ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଭାରତ ଭୂଷଣ ଦେଓଙ୍କ ସଭାପତିତ୍ୱରେ ଅତିଥି ଭାବେ ମହାରାଜ ଅନନ୍ତ ପ୍ରତାପ ଦେଓ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମେନ୍ ଗ୍ରୁପରେ ୨୧ ବର୍ଷରୁ କମ୍ ବର୍ଗର ବାଳକ, ଭେଟେରାନ୍ ଗ୍ରୁପରେ ୬୦ ବର୍ଷରୁ ଉର୍ଦ୍ଧ୍ୱର ପୁରୁଷ ଓ ମହିଳା



ଗ୍ରୁପ୍‌ରେ ମୋଟ ୮୫ ଜଣ ଅଂଶଗ୍ରହଣ କରିଥିଲେ। ଭେଟେରାନ୍ ଗ୍ରୁପରେ ଭବାନୀପାଟଣାର ଝସକେତନ ମହାନ୍ତି ପ୍ରଥମ, ସୁଜତ୍ ଚରଣ ମିଶ୍ର ଦ୍ୱିତୀୟ ଓ କେଭି ଦେଓ ତୃତୀୟ ହୋଇଛନ୍ତି। ମହିଳା ବିଭାଗରେ ଅଞ୍ଜଳି ସାହୁ ପ୍ରଥମ, ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ ଓ ଦୁଲଣା ସାହୁ ତୃତୀୟ ହୋଇଛନ୍ତି। ସେହିପରି ମେନ୍ ଗ୍ରୁପରେ ଦେବେନ୍ଦ୍ର ପ୍ରଧାନ ପ୍ରଥମ, ଆୟନ ସାହୁ ଦ୍ୱିତୀୟ ଓ ସ୍ୱରୂପ ସିଂ ଦେଓ ତୃତୀୟ, ବାଳକ ବିଭାଗରେ ପ୍ରଥମ ଲବଣୀ ସୁନାନୀ, ଦ୍ୱିତୀୟ ଆୟୁଷ୍ମାନ ପଣ୍ଡା ଓ ତୃତୀୟ ସ୍ଥାନ ଅମିତାଭ ଶତପଥୀ ଅଧିକାର କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଅଲମ୍ପିକ ଆସୋସିଏସନ୍ ସଭାପତି ଜଗମୋହନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ମାନଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ସୁଜିତ୍ କୁମାର ବେହେରା, କୋଷାଧ୍ୟକ୍ଷ ରବି ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶମ୍ଭୁ ପ୍ରସାଦ ରାଉତ, ଭୀମସେନ ସାହୁ, ଅଶ୍ୱିନୀ କୁମାର ସାହୁ, ଅରବିନ୍ଦ ସାହୁ, ମହମ୍ମଦ ଅବଦୁଲ କାଦର, ଅଜୟ ପଟ୍ଟନାୟକ, ଦେବେନ୍ଦ୍ର ରାଉତ, ରତ୍ନ ଚୌଧୁରୀ, ଦୁର୍ଗା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଡିଏର ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



